


**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜଛକ, କଟକ**

ମୁଖ୍ୟ ସଂପାଦକ

**ଶ୍ରୀଯୁକ୍ତ ମନୋଜ କୁମାର ଦାଶ**

ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜଛକ, କଟକ

ସଂଯୋଜନା

**ଶ୍ରୀମତୀ ବବିତା ପ୍ରିୟଦର୍ଶିନୀ ମହାପାତ୍ର**

ଆଚାର୍ଯ୍ୟା

# ଅଳଂକରଣ

**ଶ୍ରୀଯୁକ୍ତ ଦେବାନନ୍ଦ ଦାସ**

**ଶ୍ରୀମତୀ ଲିପ୍‌ସିତା ସ୍ୱାଇଁ**

**ବିକାଶ କୁମାର ସାହୁ**

# ସଂପାଦନା ମଣ୍ଡଳୀ

**ଶ୍ରୀମତୀ ବିଜୟଲକ୍ଷ୍ମୀ ପଟ୍ଟନାୟକ (ସଂପାଦିକା)**

**ଶ୍ରୀମତୀ ରଶ୍ମିରାଣୀ ଷଡ଼ଙ୍ଗୀ**

**ଶ୍ରୀମତୀ ମୀରା ମଞ୍ଜରୀ ନାୟକ**

**ଶ୍ରୀମତୀ ମୀନାକ୍ଷୀ ତ୍ରିପାଠୀ**

**ଶ୍ରୀମତୀ ସଂଘମିତ୍ରା ଦାସ**

**ଶ୍ରୀମତୀ ମମତା ବେହେରା**

**ଶ୍ରୀଯୁକ୍ତ ଦେବାନନ୍ଦ ଦାସ**

# ସବୁଜଶ୍ରୀ



୩୫ତମ ବାର୍ଷିକ ଉତ୍ସବ ସଂସ୍କରଣ

୨୦୨୨-୨୩

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,

**କଲେଜଛକ, କଟକ-୭୫୩୦୦୩**

**ଫୋନ୍ - (୦୬୭୧)୨୫୪୮୫୭୭/୩୫୮୨୯୯୯**

Website : www.ssvmcuttack.com
E-mail : ssvmcollegesquare1987@gmail.com,



# *Know our Chief Guest*

## Hon'ble Justice Biraja Prasanna Satapathy

### ORISSA HIGH COURT

Born on 20th August 1966 to late Bhagaban Satapathy, a renowned freedom fighter & academician and Pravabati Satapathy, Justice Biraja Prasanna Satapathy had his primary & secondary education in Tirtol. He passed the HSC Exam in 1981, and thereafter, completed I.Com, B.Com (Hons), and M.Com from the prestigious Ravenshaw College (now Ravenshaw University), Cuttack. Subsequently, he acquired LL.B from M.S. Law College, Cuttack in 1991, and enrolled to practise law in Odisha State Bar Council in the year 1993.

He started his practice in the chamber of Late Dr. Ashok Kumar Mohapatra, Senior Advocate, and had the opportunity to deal with matters in all branches of law. He started his independent practice in 1997 in Orissa High Court, Orissa Administrative Tribunal (OAT) and other subordinate courts and tribunals. Like his senior, he dealt with matters in almost every branch, with particular specialization in Service & Civil Law related matters. He has always been a petitioner's counsel, fighting for the poor & needy litigants from far-flung areas.

He has notably dealt with Service matters of Odisha Non-Gazetted Forest Service Association, All Odisha Water Resources Work-charged Employees Association, and All Odisha CARD Bank Employees Association. Besides doing cases of the Associations, he was dealing with almost all service cases of the employees affiliated to these Associations. He was also dealing with service-related cases of the employees of different Service Co-operative Societies of the state. Because of his expertise in dealing with service matters, he was roped in as a panel counsel by the Sambalpur University as well as the Cuttack Central Co-operative Bank Ltd. Apart from his legal duties, he also functioned as the Secretary of the OAT Bar Association, Cuttack Bench from August 2015 to February 2019. He is an avid philatelist with a collection of over 500 stamps from India and abroad. Prior to his elevation to the Bench, he was having a roaring practice. He was sworn in as a Judge of the Orissa High Court on 14th February, 2022.



# ବାର୍ତ୍ତା

ଆର୍ଯ୍ୟଭୂମି ଭାରତବର୍ଷର ଗୁରୁକୂଳ ପରମ୍ପରା, ସଂସ୍କୃତିକୁ ଉଜ୍ଜିବିତ କରି ଦେଶକୁ ରାମରାଜ୍ୟର ସନ୍ଦେଶ ଦେବା ଲକ୍ଷ୍ୟ ନେଇ, ଗ୍ରାମଠାରୁ ଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ଶିକ୍ଷା ବିକାଶ ସମିତି ଶିଶୁ ମନ୍ଦିର ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ମହାନ ସେତୁ ବନ୍ଧସମ କାର୍ଯ୍ୟରେ ମୋତେ ବୋଲି କଣିକାଟିଏ ପକାଇବାକୁ ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ବିଦ୍ୟାଳୟ ବର୍ତ୍ତମାନ ରଜତ ଜୟନ୍ତୀ ( ୨ ୫ବର୍ଷ) ପୂର୍ଣ୍ଣ କରି ଯୁବାବସ୍ଥାରେ ପଦାର୍ପଣ କରିସାରିଛି । ଏହି ସମୟରେ ବିକାଶମୁଖୀ ଯୋଜନାର ଆବଶ୍ୟକତା ଅଛି । ଭଗବାନ ଏତିକି ଆଶୀର୍ବାଦ କରନ୍ତୁ, ମୁଁ ଏହି ବିକାଶମୁଖୀ ରଥକୁ ଆଗକୁ ଆଗକୁ ନେଇ ଭାରତ ମାତାର ଭବିଷ୍ୟତ ନାଗରିକଙ୍କୁ ଯୋଗ୍ୟ କରି ଗଢିପାରେ ।

ଆଜିର ଏହି ବାର୍ଷିକ ଉତ୍ସବର ଶୁଭଅବସରରେ ଉନ୍ମୋଚନ ଅପେକ୍ଷାରେ ଥିବା **ସବୁଜଶ୍ରୀ**ର ନବକଳେବରକୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଅର୍ପଣ କରିବା ସହିତ ଏହାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ସହଯୋଗର ହାତ ବଢାଇଥିବା ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟା, ଶିଶୁ ଭାଇଭଉଣୀ ତଥା କର୍ମକର୍ତ୍ତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

।। ଭାରତ ମାତା କି ଜୟ ।।

ଶ୍ରୀଯୁକ୍ତ ବ୍ରଜେନ୍ଦ୍ର କୁମାର ରାଏ
ସଭାପତି
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜଛକ, କଟକ-୩



# ବାର୍ତ୍ତା

ଭାରତର ଏକ ପ୍ରାଚୀନ ରାଜ୍ୟ ଭାବରେ ଓଡ଼ିଶାର ଏକ ଗୌରବ ମୟ ଇତିହାସ ରହିଛି । ଓଡ଼ିଶାର ଗୌରବ ମୟ ସହର କଟକ ଭାଇ ଚାରା, ସ୍ନେହ, ଶ୍ରଦ୍ଧା ପାଇଁ ବିଶେଷ ପରିଚିତ । କଟକର ମଧ୍ୟ ଭାଗରେ ପ୍ରତିଷ୍ଠିତ ଆମ ବିଦ୍ୟାଳୟ ଆଜି ୩୫ତମ ବର୍ଷରେ ପଦାର୍ପଣ କରିଛି । ଆଜି ୨୦୨୩ ମସିହା ମାଘ ମାସର ଶିଶିରଭିଜା ମୁହୂର୍ତ୍ତରେ ବାର୍ଷିକ ଉତ୍ସବ ଅବସରରେ ସଜାଯାଇଛି ଆମ ଶିଶୁ ବିଦ୍ୟା ମନ୍ଦିରକୁ ବିଦ୍ୟା ମନ୍ଦିରର ଶାନ୍ତ ସଂନ୍ଧ୍ୟା ଆଜି କୋଳାହଳ ମୟ ।

ସଂପାଦକ ଭାବରେ ଭାଗ୍ୟ ବଶତଃ ଏ ସେବାର ଅବସର ମୋତେ ମିଳିଛି । ହିନ୍ଦୁ ସଂସ୍କୃତି ଓ ପରମ୍ପରାକୁ ନେଇ ଲକ୍ଷ୍ୟ ଲକ୍ଷ୍ୟ ଛାତ୍ରଛାତ୍ରୀମାନଙ୍କୁ ସଂସ୍କାର ମୂଳକ ଶିକ୍ଷା ଦେଇ ଆସିଥିବା ଆମ ବିଦ୍ୟାଳୟ ଆଜି ନିଜର ସାଂସ୍କୃତିକ ମୂଲ୍ୟବୋଧ ପାଇଁ ବିଶ୍ୱ ଦରବାରରେ ପରିଚୟ ସୃଷ୍ଟି କରିଛି ।

ଆଜି ବିଦ୍ୟାଳୟର ମୁଖପତ୍ର ପ୍ରକାଶ ଅବସରରେ ମୁଁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ମାନଙ୍କୁ ଧନ୍ୟବାଦ ଜଣାଉଛି ଯାହାଙ୍କ ଅକ୍ଳାନ୍ତ ପରିଶମ ଓ ସେବା ଦ୍ୱାରା ଅନୁଷ୍ଠାନଟି ଇତିହାସ ସୃଷ୍ଟି କରୁଛି ।

ବନ୍ଦେ ଉତ୍କଳ ଜନନୀ ।

।। ଭାରତ ମାତା କି ଜୟ ।।

ଡ଼. ସୌମ୍ୟ ରଂଜନ ମିଶ୍ର (ଆଡ୍‌ଭୋକେଟ୍)
ସମ୍ପାଦକ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜଛକ, କଟକ-୩

# ଆମ ପରିଚାଳନା ସମିତି



ଶ୍ରୀଯୁକ୍ତ ବ୍ରଜେନ୍ଦ୍ର କୁମାର ରାୟ
ସଭାପତି



ଶ୍ରୀଯୁକ୍ତ ବିଭୁତି ରଞ୍ଜନ ମହାପାତ୍ର
ଉପସଭାପତି



ଡ଼. ସୌମ୍ୟରଞ୍ଜନ ମିଶ୍ର
ସମ୍ପାଦକ



ଶ୍ରୀଯୁକ୍ତ ବିଜୟ କୁମାର ସାଇଁ
ସହ-ସମ୍ପାଦକ



ଶ୍ରୀଯୁକ୍ତ ବିଭୁଦେନ୍ଦ୍ର ମହାନ୍ତି
କୋଷାଧ୍ୟକ୍ଷ



ଶ୍ରୀମତୀ ନିଶାରାଣୀ କର
ସଦସ୍ୟା



ଶ୍ରୀମତୀ ତପସ୍ୱିନୀ ବେହେରା
ସଦସ୍ୟା



ଶ୍ରୀଯୁକ୍ତ ମନୋଜ କୁମାର ଦାଶ
ପ୍ରଧାନ ଆଚାର୍ଯ୍ୟ



ଶ୍ରୀଯୁକ୍ତ ରାମଚନ୍ଦ୍ର ସାହୁ
ଆଚାର୍ଯ୍ୟ ପ୍ରତିନିଧି



ଏନ୍. ଅଭିନନ୍ଦନ
୨୦୧୯-୨୦ ମ୍ୟଟ୍ରିକ୍ ଟପର



ଯଯାତି କେଶରୀ ଦାସ
୨୦୨୦-୨୧ ମ୍ୟଟ୍ରିକ୍ ଟପର



ରୁଦ୍ର ନାରାୟଣ ସାହୁ
୨୦୨୦-୨୧ ମ୍ୟଟ୍ରିକ୍ ଟପର



ସାଇ ସାର୍ଥକ ପ୍ରଧାନ
୫ମ ସରକାରୀ ବୃତ୍ତି



ରାଜେଶ୍ୱରୀ ମହାନ୍ତି
୫ମ ସରକାରୀ ବୃତ୍ତି



କୃତ୍ତିକା ମିଶ୍ର
୫ମ ସରକାରୀ ବୃତ୍ତି



ବୈଭବ ସାହୁ
୩ୟ ସରକାରୀ ବୃତ୍ତି



ସ୍ୱୟଂଜିତ୍ ମହାନ୍ତି
୭ମ - ପ୍ରଦେଶିକ ମେଧା



ଉଦିତ୍ କୁମାର ପଣ୍ଡା
ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (୯ମ)
ଓ
ପଠାଣି ସାମନ୍ତ ଗଣିତ ମେଧା (୯ମ)



ଓମ୍ ପ୍ରକାଶ ଜେନା
ପଠାଣି ସାମନ୍ତ ଗଣିତ ମେଧା (୯ମ)



ମୃତ୍ୟୁଞ୍ଜୟ ପରିଡ଼ା
ପଠାଣି ସାମନ୍ତ ଗଣିତ ମେଧା (୬ଷ୍ଠ)



ପ୍ରଭୁ ସାରଥି ନାୟକ
ପଠାଣି ସାମନ୍ତ ଗଣିତ ମେଧା (୬ଷ୍ଠ)



ଶବ୍ଦାଞ୍ଜଳୀ ନାୟକ
ପଠାଣି ସାମନ୍ତ ଗଣିତ ମେଧା (୬ଷ୍ଠ)



ଆକାଂକ୍ଷା ମହାନ୍ତି
ପଠାଣି ସାମନ୍ତ ଗଣିତ ମେଧା (୬ଷ୍ଠ)

# ଆମ ପରିବାର



# ଆମ ପରିବାର

## ଶ୍ରୀଯୁକ୍ତ ମନୋଜ କୁମାର ଦାଶ

ବି.ଏସ୍,ସି. ବି.ଇଡ଼ି,
ପ୍ରଧାନ ଆଚାର୍ଯ୍ୟ

### ଆଚାର୍ଯ୍ୟ / ଆଚାର୍ଯ୍ୟା

ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ବେହେରା, ବି.ଏ.

ଶ୍ରୀମତୀ ମୌସୁମୀ ଦାସ, ବି.ଏ.

ଶ୍ରୀମତୀ ସବିତା ପାତ୍ର, ବି.ଏ.

ଶ୍ରୀଯୁକ୍ତ ରାମ ଚନ୍ଦ୍ର ସାହୁ, ଏମ୍.ଏ.,ବି.ଏଡ଼୍,

ଶ୍ରୀମତୀ ସୁପ୍ରଭା ଲେଙ୍କା, ବି.ଏ.

ଶ୍ରୀମତୀ ମମତା ବେହେରା, ବି.ଏସ୍.ସି.

ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ମିଶ୍ର, ବି.କମ୍.

ଶ୍ରୀମତୀ କାନନବାଳା ରାୟ, ବ.ଏ.

ଶ୍ରୀମତୀ ମିରାମଞ୍ଜରୀ ନାୟକ, ବି.ଏ., ବି.ଏଡ଼୍, ରତ୍ନ

ଶ୍ରୀମତୀ ମଞ୍ଜୁବାଳା ଲେଙ୍କା, ବି.ଏ., ବି.ଏଡ଼୍, ଏଲ୍.ଏଲ୍.ବି

ଶ୍ରୀମତୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, ଏମ୍., ବି.ଏଡ଼୍

ଶ୍ରୀଯୁକ୍ତ ହରପ୍ରସାଦ ରାଜ, ଏମ୍.ଏ, ଏଲ୍.ଏଲ୍.ବି.

ଶ୍ରୀମତୀ ସୁଜାତା ମିତ୍ର, ବି.ଏ., ହିନ୍ଦୀ(ରତ୍ନ)

ଶ୍ରୀମତୀ ରଶ୍ମିରାଣୀ ଷଡ଼ଙ୍ଗୀ, ଏମ୍.ଏ., ବି.ଏଡ଼୍

ଶ୍ରୀମତୀ ନିର୍ମଳା ପୃଷ୍ଟି, ବି.ଏ.

ଶ୍ରୀଯୁକ୍ତ ଶରତ ଚନ୍ଦ୍ର ସାହୁ, ବି.ଏ.

ଶ୍ରୀମତୀ ସସ୍ମିତା ବେହେରା, ଏମ୍.ଏ.

ଶ୍ରୀମତୀ କବିତା ସ୍ୱାଇଁ, ଏମ୍.ଏ

ଶ୍ରୀମତୀ ଶକୁନ୍ତଳା ମିଶ୍ର, ବି.ଏସ୍.ସି., ବି.ଏଡ଼୍

ଶ୍ରୀଯୁକ୍ତ ଦେବାନନ୍ଦ ଦାସ, ବି.ଏଫ୍.ଏ.

ଶ୍ରୀମତୀ ରେଣୁବାଳା ସାହୁ, ଏମ୍.କମ୍.

ଶ୍ରୀଯୁକ୍ତ ଶ୍ୟାମଳ ରଂଜନ ସାମନ୍ତରାୟ, ବି,ଏସ୍.ସି.ବିଏଡ଼୍

ଶ୍ରୀମତୀ ସରୋଜୁବାଳା ମିଶ୍ର, ଏମ୍. ଏ. ବି. ଏଡ଼୍.

ଶ୍ରୀଯୁକ୍ତ ରଞ୍ଜିତ୍ ମହାନ୍ତି, ମ୍ୟାଟ୍, ସି.ପି. ଏଡ଼୍.

ଶ୍ରୀମତୀ ଲୀନା ନାଥଶର୍ମା, ବି.ମସ୍.

ଶ୍ରୀମାନ୍ ଅମୂଲ୍ୟ ଚନ୍ଦ୍ର ରାଉତ୍, ବି.କମ୍.

ଶ୍ରୀମତୀ ସେବାଞ୍ଜଳିନ୍, ଏମ୍.ଏ.

ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ସାହୁ, ଏମ୍.ଏ.

ଶ୍ରୀମତୀ ମମତା ସ୍ୱାଇଁ, ବି. ମସ୍.

ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଦାସଅଧିକାରୀ, ଏମ୍.ଏ.

ଶ୍ରୀଯୁକ୍ତ ମନୋଜ କୁମାର ସାହୁ, ବି.ଏସ୍.ସି. ବି.ଏଡ଼୍,

ଶ୍ରୀମତୀ ସ୍ନେହାଞ୍ଜଳି କାନୁନ୍‌ଗୋ, ଏମ୍.ଏ.

ସୁଶ୍ରୀ ସୁଚିତ୍ରା ସାହୁ, ବି.ଏ., ବି.ଏଡ଼୍.

ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ବେହେରା, ଏମ୍.ଏ.ଏଲ୍.ଏଲ୍.ବି

ଶ୍ରୀମତୀ ନିରୁପମା ମହାନ୍ତି, ଏମ୍.ଏ., ବି.ଏଡ଼୍.

ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପଣ୍ଡା, ବି.ଏସ୍.ସି. ବି.ଏଡ଼୍,

ଶ୍ରୀମତୀ ଦେବଯାନୀ ମିଶ୍ର, ଏମ୍.ଏ.

ଶ୍ରୀମତୀ ସ୍ୱର୍ଣ୍ଣଲତା ମହାପାତ୍ର, ବି.ଏ.

ଶ୍ରୀମତୀ ରୀନା ମହାପାତ୍ର, ବି.ଏ.

ଶ୍ରୀଯୁକ୍ତ ଜୟଦେବ ତ୍ରିପାଠୀ, ବି.କମ୍.

ଶ୍ରୀ ସନ୍ଦୀପ କୁମାର ମିତ୍ର, ବି.କମ୍.

ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ନାୟକ, ବି.ଏ.ବିଏଡ଼୍

ଶ୍ରୀମତୀ ପ୍ରଭାତୀ ପଣ୍ଡା, ବି.ଏ.
ଶ୍ରୀଯୁକ୍ତ ସମୀର ସୂତାର, ଏମ୍.ଏ.ବିଏଡ୍
ଶ୍ରୀଯୁକ୍ତ ରଶ୍ମୀ ରଞ୍ଜନ ନାୟକ, ଏମ୍.ଏ., ବି.ଏଡ୍, ଡ଼ି.ଆଇ.ଟି.
ଶ୍ରୀମତୀ ଅତସୀ କୁସୁମ ସ୍ୱାଇଁ, ଏମ୍.ଏ.
ଶ୍ରୀମତୀ ସୁଚିସ୍ମିତା ଶତପଥି, ବି.ଏ. ବି.ଏଡ୍,
ଶ୍ରୀମତୀ ମମତା ସିଂ, ବି.ଏ.
ଶ୍ରୀମତୀ ମୀନାକ୍ଷୀ ତ୍ରିପାଠୀ, ଏମ୍.ଏ.(ସଂସ୍କୃତ)
ଶ୍ରୀମତୀ କାଦମ୍ବିନୀ ନାୟକ, ବି.ଏ. (ହିନ୍ଦୀ ରତ୍ନ)
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବେହେରା, ବି.ଏସ୍.ସି.ବିଏଡ୍
ଶ୍ରୀମତୀ ବିନୋଦିନୀ ସାମନ୍ତରାୟ, ବି.ଏସ୍.ସି. ବି.ଏଡ୍,
ଶ୍ରୀମତୀ ସୁନୀତି ବେହେରା, ବି.ଏ.
ସୁଶ୍ରୀ ପ୍ରତିମା ସାହୁ, ବି.ଏ.ବି.ଏଡ୍,
ଶ୍ରୀମତୀ ସଂଘମିତ୍ରା ଦାସ, ଏମ୍.ଏ., ବି.ଏଡ୍.
ଶ୍ରୀମତୀ ସରିତା ନାୟକ, ବି.ଏସ୍.ସି., କମ୍ପ୍ୟୁଟର,ବି.ଏଡ୍,

ଶ୍ରୀମତୀ ଗୌରୀରାଣୀ ମିଶ୍ର, ବି.ଏ.
ଶ୍ରୀମତୀ ବବିତା ପ୍ରିୟଦର୍ଶିନୀ ମହାପାତ୍ର, ଏମ୍.ଏ.ବିଏଡ୍
ଶ୍ରୀଯୁକ୍ତ ଶୁଭକାନ୍ତ ଦାଶ, ବି.ଏ.
ଶ୍ରୀମତୀ ତପସ୍ୱିନୀ ମହାପାତ୍ର, ବି.ଏ.
ଶ୍ରୀମତୀ ଲିପ୍ସିତା ସ୍ୱାଇଁ, ବିଏସ୍.ସି., କମ୍ପ୍ୟୁଟର
ଶ୍ରୀମତୀ ସଂଯୁକ୍ତା ଓଝା, ବି.ଏ., ବି.ଏଡ୍,
ଶ୍ରୀମତୀ ପୁଷ୍ପରେଖା ମହାପାତ୍ର, ବି.ଏ., ସି.ଟି.
ବିକାଶ କୁମାର ସାହୁ, ବିଏ.
କାଜଲ ଭୂୟାଁ, ବି.ଏ., ବି.ଏଡ୍,
ସୁଶ୍ରୀ ହରପ୍ରିୟା ଦାସ, ବି.ଏସ୍.ସି.
ଶ୍ରୀମତୀ ବିଷ୍ଣୁପ୍ରିୟା ଷଡ଼ଙ୍ଗୀ, ଏମ୍.ଏ(ସଂସ୍କୃତ)ବିଏଡ୍
ଶ୍ରୀଯୁକ୍ତ ହିମାଂଶୁ କୁମାର ନାୟକ ବି.ଏ., ବି.ଏଡ୍
ଶ୍ରୀଯୁକ୍ତ କୁଳମଣି ରାଉତ ,ବିଏସ୍.ସି.

## ସେବିକା / ସେବକ

ସୁଶ୍ରୀ ଆମ୍ଳନା ରେଡ୍ଡୀ, ସେବିକା
ଶ୍ରୀଯୁକ୍ତ ବିଳାସ ଚନ୍ଦ୍ର ବେହେରା, ସେବକ
ଶ୍ରୀଯୁକ୍ତ ସରୋଜ ରଂଜନ ସାହୁ, ସେବକ
ଶ୍ରୀମତୀ ପୂର୍ଣ୍ଣିମା ଚୌଧୁରୀ, ସେବିକା
ଶ୍ରୀମତୀ ନିରୁପମା ସେଠୀ, ସେବିକା

ଶ୍ରୀଯୁକ୍ତ କେଶବ ଚନ୍ଦ୍ର ମିଶ୍ର, ସେବକ ଓ ସୁରକ୍ଷାକର୍ମୀ
ଶ୍ରୀମାନ୍ ତପନ କୁମାର ଦାସ, ସେବକ
ଶ୍ରୀମତୀ ସୁନୀ ନାଏକ, ଝାଡୁଦାର
ଶ୍ରୀମତୀ ସବୁନା ଦେଇ, ଝାଡୁଦାର

# ସମ୍ପାଦକଙ୍କ ତୂଳୀରୁ........



ଅପୂର୍ବ ଆନନ୍ଦ ଓ ଶିହରଣରେ ଆମ ସଭିଙ୍କ ହୃଦୟ ଆଜି ତରଙ୍ଗାୟିତ । "ସବୁଜଶ୍ରୀ"ର ବିଦ୍ୟାର୍ଥୀ, ଗୁରୁମାଗୁରୁଜୀ ଓ ଅଭିଭାବକ ଅଭିଭାବିକାମାନେ ସୌହାର୍ଦ୍ଦଭରା ବାରି ସିଂଚନ କରି ପଲ୍ଲବିତ କରିବାକୁ ଯାଉଛନ୍ତି ବିଦ୍ୟାଳୟର ମୁଖପତ୍ର "ସବୁଜଶ୍ରୀ"କୁ । ଆଜି ସମ୍ପାଦକୀୟ ପାଇଁ କଲମ ଧରିବାକୁ ଉଦ୍ୟତ ହେଲା ବେଳେ ମୁଁ ଆତ୍ମବିଭୋର । ମୋ ପାଇଁ ନୁହେଁ, ଯେଉଁମାନେ ବିଦ୍ୟାଳୟର ଏହି ମୁଖପତ୍ରର ଜନ୍ମଦାତା ଓ ନାମକରଣର ପାରଦର୍ଶିତା ଦେଖାଇଛନ୍ତି - ସେହିମାନଙ୍କୁ ଅଶେଷ କୃତଜ୍ଞତା ମୋର ।

'ସବୁଜଶ୍ରୀ' ଆଜି ପ୍ରତିଟି ହୃଦୟର ସ୍ପନ୍ଦନ । ଏହା ପ୍ରତ୍ୟେକଙ୍କ ମୁହଁରେ ହସର ରେଖା ଖେଳାଇ ଦେଇଛି । ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ସୃଷ୍ଟି ଓ ଭବିଷ୍ୟତରେ ବିଶିଷ୍ଟ ସ୍ରଷ୍ଟା ସୃଷ୍ଟି କରିବାର ପ୍ରୟାସ କରିଛି । କଲମ ଆଜି ଚଳଚଂଚଳ । ସେମାନଙ୍କର ଅନୁଭବ, ଅନୁଭୂତି ସତ୍ୟ ଓ ବାସ୍ତବ ଘଟଣାରେ 'ସବୁଜଶ୍ରୀ'ର ଅଙ୍ଗ ଭରିଯିବ । 'ସବୁଜଶ୍ରୀ'କୁ ଚିର ସବୁଜ କରିବାକୁ ସମସ୍ତେ କର୍ମତତ୍ପର ଓ କର୍ମ ମୁଖର । କ୍ରମେ କ୍ରମେ 'ସବୁଜଶ୍ରୀ' ତା'ର ଜ୍ଞାନ ଦୀପ୍ତିରେ ୩୬ବର୍ଷର ମହାଦ୍ରୁମରେ ପରିଣତ ହୋଇ ସୁଶୀତଳ ଛାୟା, ପୁଷ୍ପ ଓ ଫଳ ପ୍ରଦାନ କରି ଏ ସମାଜରେ ହିତ ସାଧନ କରିବ । ଯେଉଁ ଶିଶୁମାନେ ଏହାକୁ ସର୍ବାଙ୍ଗ ସୁନ୍ଦର କରିବାକୁ ଶ୍ରମଦାନ କରିଛନ୍ତି, ସେମାନେ ଆମ ପାଇଁ ଗର୍ବ ଓ ଗୌରବ । ଦେଶ ଓ ଜାତି ପାଇଁ ଆଲୋକ ବର୍ତ୍ତିକା ହୋଇ ଜଳୁଥାନ୍ତୁ । ଯେଉଁମାନେ ମୁଦ୍ରଣ ପାଇଁ ଚେଷ୍ଟା ଅବ୍ୟାହତ ରଖିଛନ୍ତି, ସାହାଯ୍ୟ, ସହଯୋଗ ଓ ପ୍ରେରଣା ଯୋଗାଇଛନ୍ତି, ଆଉ ଯେଉଁମାନେ ତା'ର ଶୁଭ ମୁକ୍ତିକୁ ପ୍ରତୀକ୍ଷା କରିଛନ୍ତି - ସେ ସମସ୍ତଙ୍କୁ ମୋର ଅନ୍ତରଭରା କୃତଜ୍ଞତା ଜଣାଉଛି ।

ଚାରିଗୋଟି ଭାଷାର ସମନ୍ୱୟରେ ଗଳ୍ପ, କବିତା, ପ୍ରବନ୍ଧ ଓ ଜଣାଅଜଣାକୁ ନେଇ 'ସବୁଜଶ୍ରୀ' ଆତ୍ମହରା । ଅମାପ ତା'ର ଶକ୍ତି, ଅଦ୍ଭୁତ ତା'ର କାର୍ଯ୍ୟଶୈଳୀ । ଆମେ ତାକୁ ଧରି ରଖିବାକୁ ଚେଷ୍ଟା କରୁଛୁ ସାହିତ୍ୟ ସମ୍ଭାରରେ, ତୂଳୀ ଓ କାଳିରେ । ଏହି ଛୋଟ ପ୍ରୟାସ ବଡ଼ ସମ୍ଭାବନାକୁ ବାଟ କଢାଉ । ଶେଷରେ ଜଗତର ନାଥ ଜଗନ୍ନାଥଙ୍କ ପାଦତଳେ 'ସବୁଜଶ୍ରୀ'ର ଦୀର୍ଘାୟୁ କାମନା କରି ରହୁଛୁ ।

**ଶ୍ରୀମତୀ ବିଜୟଲକ୍ଷ୍ମୀ ପଟ୍ଟନାୟକ**
ଆଚାର୍ଯ୍ୟା, (ଓଡ଼ିଆ ବିଭାଗ)



# ପ୍ରଧାନ ଆଚାର୍ଯ୍ୟଙ୍କ କଲମରୁ.............

ଯେ କୌଣସି ରାଷ୍ଟ୍ରର ପ୍ରଗତିର ମାନଦଣ୍ଡ ଶିକ୍ଷା ଉପରେ ନିର୍ଭର କରେ । ଶିକ୍ଷାକୁ ସର୍ବାଧିକ ପ୍ରୋତ୍ସାହନ ହିଁ ରାଷ୍ଟ୍ରକୁ ସର୍ବାଧିକ ବିକଶିତ କରି ଗଢେ । ରାଷ୍ଟ୍ର ନିଜ ନାଗରିକଙ୍କ ମାନସିକ ଓ ବୌଦ୍ଧିକ ଜାଗୃତି ପାଇଁ ଗଢେ ଶିକ୍ଷାନୀତି । ଏହି ଶିକ୍ଷା ନୀତି ସାହାଯ୍ୟରେ ରାଷ୍ଟ୍ରରେ ଅନେକ ସୁଧାର ହୁଏ । ଏହି ସୁଧାର ଗୁଡ଼ିକୁ ବଜାୟ ରଖିବା ପାଇଁ ତଥା କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଯୋଜନା ମାଧମରେ ପ୍ରଚେଷ୍ଟା ଜାରି ରହେ । ଲକ୍ଷ୍ୟ ଥାଏ ଉତ୍ତର ପୀଢୀକୁ ଉନ୍ନତ ମାନସିକ ତଥା ବୌଦ୍ଧିକ ବିକାଶ ଦିଗରେ ଆଗେଇ ନେବା ।

ସ୍ୱାଧୀନତା ପରେ ଭାରତ ବର୍ଷରେ ଅନେକାନେକ ଆୟୋଗ ଓ ସମିତି ଗଠିତ ହୋଇଯାଇଛି । ଏ ସମସ୍ତ ଦ୍ୱାରା ଦେଶରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ ସଫଳତା ମିଳିଛି । ପରାଧୀନ ଭାରତର ଶିକ୍ଷା ପ୍ରଣାଳୀକୁ ପରିବର୍ତ୍ତନ କରାଯାଇ ପ୍ରାରମ୍ଭିକ ଶିକ୍ଷାକୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସ୍ୱାଧୀନତାର ଭାରତରେ ୧୯୬୪, ୧୯୬୬, ୧୯୬୮, ୧୯୭୫ ଓ ୧୯୮୬ ମସିହାରେ ଶିକ୍ଷା ସମ୍ବନ୍ଧିତ ବିଭିନ୍ନ ଆୟୋଗମାନ ଗଠିତ ହୋଇଯାଇଛି । ୧୯୮୬ ର ଶିକ୍ଷା ଆୟୋଗ ଦ୍ୱାରା ପ୍ରସ୍ତୁତ ଶିକ୍ଷାନୀତି ଭାରତର ପ୍ରାୟ ସବୁ ରାଜ୍ୟରେ କାର୍ଯ୍ୟକାରୀ ହୋଇଯାଇଛି । ଯାହାକି ୧୦+୨+୩ ଡାଞ୍ଚାରେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇ ଆସୁଅଛି । ଏହି ଶିକ୍ଷାନୀତି ପ୍ରଭାବରେ ଦେଶରେ ପ୍ରତି ପ୍ରାନ୍ତରେ ବିଦ୍ୟାଳୟମାନ ଖୋଲା ଯାଇଛି, ପଛୁଆ ବର୍ଗ ଓ ଗରୀବମାନଙ୍କୁ ଅଗ୍ରାଧୀକାର ଦିଆଯାଇଛି । ସାକ୍ଷରତାହାର ବଢାଇବା ପାଇଁ ପୌଢ ଶିକ୍ଷାକେନ୍ଦ୍ର ଓ ଅଙ୍ଗନୱାଡ଼ି ଖୋଲାଯାଇଛି । ଏହି ଶିକ୍ଷାନୀତିରେ ରେଡ଼ିଓ ଓ ଦୂରଦର୍ଶନରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି । ଦେଶର ପ୍ରାୟ ସବୁ ଜିଲ୍ଲାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯାଇଛି । ପ୍ରତିଭାଶାଳୀ ବିଦ୍ୟାର୍ଥୀ ମାନଙ୍କ ପାଇଁ ନିଃଶୁଳ୍କ ଶିକ୍ଷା ଉଦ୍ଦେଶ୍ୟରେ ନବୋଦୟ ବିଦ୍ୟାଳୟମାନ ଖୋଲାଯାଇଛି । ଛାତ୍ରଛାତ୍ରୀଙ୍କ ବ୍ୟାବହାରିକ ଅନୁଭବ ତଥା ଜ୍ଞାନକୁ ଲକ୍ଷ୍ୟ କରି ପରୀକ୍ଷା ବ୍ୟବସ୍ଥାକୁ ମଧ ପରିବର୍ତ୍ତନ କରାଯାଇଛି ।

୧୯୮୬ର ଶିକ୍ଷାନୀତିକୁ ଆଧାରଭାବେ ନେଇ ୨୦୨୦ ମସିହାରେ ଆମ ଦେରେ ଏକ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ ହୋଇଛି । ଏହି ଶିକ୍ଷାନୀତିରେ ସ୍ୱାକ୍ଷର ହାର ଶତପ୍ରତିଶତ କରାଯିବାର ଲକ୍ଷ୍ୟ ରଖାଯାଇଛି । ଶିକ୍ଷାକ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ, ଧନ୍ଦା ମୂଳକ ଶିକ୍ଷାକୁ ଗୁରୁତ୍ୱ ଓ ଭାରତୀୟ ଭାଷା ଗୁଡ଼ିକର ବିକାଶକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି । ଏହି ନୂତନ ଶିକ୍ଷାନୀତି ବଳରେ ମା ଭାରତୀଙ୍କୁ ଏକ ବିଶ୍ୱ ସ୍ତରୀୟ ସୁପର ପାୱାର କରିବାର ଲକ୍ଷ୍ୟ ରଖାଯାଇଛି ।

ସ୍ନେହର ଛାତ୍ରଛାତ୍ରୀଗଣ ପାଠପଢାରେ ପ୍ରବୀଣ ବା କମ୍ ହେବା ଏକ ଆପେକ୍ଷିକ ସ୍ଥିତି କିନ୍ତୁ ଅନ୍ତର୍ନିହିତ ଗୁଣକୁ ବିକାଶ କରାଇବା ଆମର ଲକ୍ଷ୍ୟ ଅଟେ । ଆମେ ସବୁ ଅମୃତର ସନ୍ତାନ ହୀନା ମାନ୍ୟତା ଏବଂ ଅହଂ ଭାବ ଠାରୁ ଦୂରରେ ରହି ଆମେ ଏକ ସୁଦୃଢ ଓ ସସତଭାରତ ଗଢିବାର ପ୍ରତିଜ୍ଞା ନେବା

ଆଜି ଆମର ପ୍ରତିକ୍ଷିତ ବାର୍ଷିକ ଉତ୍ସବ ଅବସରରେ ଉନ୍ମୋଚିତ ହେବାକୁ ଯାଉଛି ତୁମ ମାନଙ୍କର ସୃଜନଶୀଳତାର ନିଦର୍ଶନ ଆମ ବିଦ୍ୟାଳୟର ମୁଖପତ୍ର **"ସବୁଜଶ୍ରୀ"** ଏହି ଅବସରରେ ଏହାର ସଫଳ ରୂପାୟନ କରିଥିବା ସମସ୍ତ ସ୍ନେହର ଛାତ୍ରଛାତ୍ରୀ, ଆଚାର୍ଯ୍ୟ ଆଚାର୍ଯ୍ୟା, ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା ଗଣ ଓ ସମସ୍ତ ଶୁଭେଚ୍ଛୁ ଙ୍କୁ ଅନେକ ଅଭିନନ୍ଦନ ଓ ଆନ୍ତରିକ ଶୁଭେଚ୍ଛା ।

**।। ଭାରତ ମାତା କି ଜୟ ।।**

**ଶ୍ରୀଯୁକ୍ତ ମନୋଜ କୁମାର ଦାଶ**
ପ୍ରଧାନ ଆଚାର୍ଯ୍ୟ


ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କଲେଜଛକ, କଟକ


I AM AN INNOVATOR
ARDUINO


ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
କଲେଜ ଛକ, କଟକ
ବିଦ୍ୟାଳୟ ପରିସରରେ
ବୃକ୍ଷ ରୋପଣ






ସ ଶି ବି ମ କଲେଜ ଛକ କଟକ
ଆମ ବିଦ୍ୟାଳୟର ଶ୍ରୀ ଗୁରୁ ଦକ୍ଷିଣା
କାର୍ଯ୍ୟକ୍ରମ


ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ନ୍ୟାସ
ନିଧି ସଂଗ୍ରହ ଅଭିଯାନ






ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କଲେଜଛକ, କଟକ
ମାତୃଭାରତୀ ବୈଠକ




ସରସତୀ ଶିଶୁ ବିଦ୍ୟା ମନ୍ଦିର
କଲେଜଛକ, କଟକ
ବାର୍ଷିକ ଖେଳକୁଦ ସମାରୋହ
ସରସତୀ ଶିଶୁ ବିଦ୍ୟା ମନ୍ଦିର
କଲେଜ ଛକ, କଟକ
ଉଦ୍‌ଯାପନୀ ଉତ୍ସବ
2
1








ସରସତୀ ଶିଶୁ ବିଦ୍ୟା ମନ୍ଦିର
କଲେଜଛକ, କଟକ

# ଓଡ଼ିଆ
# ବିଭାଗ

# ଜାତୀୟ ଶିକ୍ଷାନୀତି - ୨୦୨୦ ଓ ଛାତ୍ର ଛାତ୍ରୀଙ୍କ ସାମଗ୍ରିକ ବିକାଶ

**ଶ୍ରୀମତୀ ବବିତା ପ୍ରିୟଦର୍ଶନୀ ମହାପାତ୍ର**

**ଆଚାର୍ଯ୍ୟା, (ଓଡ଼ିଆ ବିଭାଗ)**

ଶିକ୍ଷା ଶବ୍ଦର ଅର୍ଥ ହେଉଛି କୌଶଳର ସଂଚରଣ, ଜ୍ଞାନ, ଉପଯୁକ୍ତ ଆଚରଣ, ମାନସିକ, ନୈତିକ ଓ ସୌନ୍ଦର୍ଯ୍ୟ ବିଷୟକ ଉତ୍କର୍ଷତା ଉପରେ ଶିକ୍ଷା କେନ୍ଦ୍ରିତ ହୋଇଥାଏ । ସମାଜର ଗୋଟିଏ ପିଢ଼ୀ ତାର ପରବର୍ତ୍ତୀ ପିଢ଼ୀକୁ ଶିକ୍ଷାକୁ ହସ୍ତାନ୍ତର କରେ ।

ଅତଏବ ଶିକ୍ଷା ବ୍ୟକ୍ତି ବିଶେଷକୁ ସମାଜ ସହ ଯୋଡ଼ିବାର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରେ । ବ୍ୟକ୍ତିର ଅନ୍ତର୍ନିହିତ କ୍ଷମତା ତଥା ବ୍ୟକ୍ତିତ୍ୱକୁ ଶିକ୍ଷା ବିକଶିତ କରେ ।

**ଗଠନ ଦୃଷ୍ଟିରୁ ଶିକ୍ଷା ଶବ୍ଦର ବ୍ୟୁତ୍ପତ୍ତି ହେଉଛି**

ଶିକ୍ଷ୍ (ଧାତୁ) + ଆ(ପ୍ରତ୍ୟୟ) = ଶିକ୍ଷା ଓ ଶିକ୍ଷ୍‌ର ଅର୍ଥ ଶିଖାଇବା । ଏଣୁ ଶିକ୍ଷା ଶବ୍ଦର ଅର୍ଥ ଶିଖିବା ଓ ଶିଖାଇବା ।

ପ୍ରୟୋଗ ଦୃଷ୍ଟିରୁ ଶିକ୍ଷା ଶବ୍ଦର ୨ ପ୍ରକାର ଅର୍ଥ ହୁଏ ।

**(୧) ବ୍ୟାପକ ଅର୍ଥ :-**

ସମାଜରେ ସର୍ବଦା ପ୍ରଚଳିତ ଥିବା ସୋଦ୍ଦେଶ୍ୟ ସାମାଜିକ ପ୍ରକ୍ରିୟା, ଯାହା ମାନବର ଜନ୍ମଜାତ ପ୍ରକ୍ରିୟା । ଯାହାଦ୍ୱାରା ମାନବର ଜ୍ଞାନ, କୌଶଳ, ବ୍ୟବହାରର ବିକାଶ ହୁଏ, ଯାହା ତାକୁ ସଭ୍ୟ, ସୁସଂସ୍କୃତ, ଯୋଗ୍ୟ ନାଗରିକ କରି ଗଢ଼େ ।

**(୨) ସଙ୍କୁଚିତ ଅର୍ଥ :-**

ଗୋଟିଏ ନିଶ୍ଚିତ ସମୟ ଓ ନିର୍ଦ୍ଦିଷ୍ଟ ସ୍ଥାନରେ ଏକ ସୁ - ନିୟୋଜିତ ଢଙ୍ଗରେ ଚାଲୁଥିବା ସୋଦ୍ଦେଶ୍ୟ ସାମାଜିକ ପ୍ରକ୍ରିୟା, ଯାହା ଦ୍ୱାରା ବିଦ୍ୟାର୍ଥୀ ଏକ ନିର୍ଦ୍ଦେଶିତ ପାଠ୍ୟକ୍ରମକୁ ପଢ଼ି ତତ୍ ସମ୍ବନ୍ଧୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଏ ।

**ଶିକ୍ଷା ସମ୍ବନ୍ଧରେ ବିଦ୍ୱାନ ମଣ୍ଡଳୀଙ୍କ ବିଚାର ନିମ୍ନ ପ୍ରକାରର :-**

* ମାନବ ଶରୀର, ମନ ତଥା ଆତ୍ମାର ସର୍ବାଙ୍ଗୀନ ଏବଂ ସର୍ବୋତ୍କୃଷ୍ଟ ବିକାଶ ହିଁ ଶିକ୍ଷା - **ମହାତ୍ମାଗାନ୍ଧୀ ।**
* ମାନବର ଅନ୍ତର୍ନିହିତ ପୂର୍ଣ୍ଣତାକୁ ଅଭିବ୍ୟକ୍ତ କରିବା ହିଁ ଶିକ୍ଷା - **ସ୍ୱାମୀ ବିବେକାନନ୍ଦ ।**
* ଶିକ୍ଷା ହେଉଛି ବ୍ୟକ୍ତିର ସମନ୍ୱିତ ବିକାଶର ପ୍ରକ୍ରିୟା - **ତଥାଗତ ବୁଦ୍ଧ ।**
* ଶିକ୍ଷାର ଅର୍ଥ ଅନ୍ତଃ ଶକ୍ତି ସମୁଦାୟକୁ ବାହ୍ୟ ଜୀବନ ସହ ସମନ୍ୱିତ କରିବା - **ହର୍ବର୍ଟ ସ୍ପେନ୍ସର ।**
* ଶିକ୍ଷା ହେଉଛି ରାଷ୍ଟ୍ରର ଆର୍ଥିକ, ସାମାଜିକ ବିକାଶର ସାଧକ । ଏହା ରାଷ୍ଟ୍ରୀୟ ସଂପନ୍ନତା ତଥା ରାଷ୍ଟ୍ର କଲ୍ୟାଣର ଚାବିକାଠି - **ଡ଼ାଃ ଲବିଗୌତମ ।**
* ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ "ମୁକ୍ତି" - ଏଣୁ - **"ସା ବିଦ୍ୟା ଯା ବିମୁକ୍ତୟେ ।"**

ପରବର୍ତ୍ତୀ ସମୟରେ ଆବଶ୍ୟକତା ଆଧାରରେ ଅବଶ୍ୟ ଶିକ୍ଷାର ଉଦ୍ଦେଶ୍ୟ ବଦଳିବାରେ ଲାଗିଛି ।

ବ୍ୟବସ୍ଥା ଦୃଷ୍ଟିରୁ ଶିକ୍ଷା ୩ ପ୍ରକାରର ହୋଇଥାଏ-

**(କ) ଔପଚାରିକ -**

ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ ମାନଙ୍କରେ ପ୍ରଚଳିତ ଶିକ୍ଷା ।

**(ଖ) ନିରୌପଚାରିକ ଶିକ୍ଷା -**

ଏହି ଶିକ୍ଷା ବିଦ୍ୟାଳୟ, ମହା ବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ସୀମା ଭିତରେ ଆବଦ୍ଧ ନ ଥାଏ । ପୌଢ଼ ଶିକ୍ଷା, ମୁକ୍ତ ବିଦ୍ୟାଳୟ, ପତ୍ର ମାଧ୍ୟମ ବିଦ୍ୟାଳୟ ଆଦି ଏହି ଶ୍ରେଣୀର ।

**(ଗ) ଅନୌପଚାରିକ ଶିକ୍ଷା -**

ଏ ପ୍ରକାର ଶିକ୍ଷାର କୌଣସି ଯୋଜନା ନ ଥାଏ, ଉଦ୍ଦେଶ୍ୟ ମଧ୍ୟ ନିଶ୍ଚିତ ନ ଥାଏ । ମାନବ ଜୀବନ କାଳରେ ସର୍ବଦା ଏ ଶିକ୍ଷା ଚାଲିଥାଏ ।

କୌଣସି ଏକ ରାଷ୍ଟ୍ରର ବିକାଶ ନିର୍ଭର କର ତାର ମାନବ ସମ୍ବଳ ଉପରେ । ଏଣୁ ରାଷ୍ଟ୍ରବିକାଶର ଆଧାର ମାନବକୁ ସ ଶିକ୍ଷିତ, ସୁଦକ୍ଷ ତଥା କର୍ମ ନିପୁଣ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ର ପ୍ରସ୍ତୁତ କରେ ଶିକ୍ଷାନୀତି, କାଳାନ୍ତରରେ ବିକାଶର ଆଧାରକୁ ଉପଜୀବୀ କରି ରାଷ୍ଟ୍ର ତାଯ଼ ଶିକ୍ଷା ନୀତିକୁ ସଂଶୋଧିତ କରେ, ଫଳରେ ଶିକ୍ଷାନୀତି ବାରମ୍ବାର ପରିବର୍ତ୍ତିତ ହୁଏ ।

* ଶିକ୍ଷାନୀତି ହେଉଛି ସେହିନୀତି ଯାହା ବିଦ୍ୟାଳୟ(ଗଣଶିକ୍ଷା) ବିଭାଗକୁ ନିୟନ୍ତ୍ରିତ କରେ ।
* ଏଥିରେ ଅନେକ ଆଇନ୍ କାନୁନ୍ ଓ ନୀତି ନିୟମ ଥାଏ । ଯାହା ଶିକ୍ଷା ବ୍ୟବସ୍ଥାକୁ ଚଳାଇବାରେ ସହଯୋଗ କରେ ।
* ଆମ ଦେଶର ପ୍ରାଚୀନ ଶିକ୍ଷା ପଦ୍ଧତିରେ ଔପଚାରିକ ଓ ଅନୌପଚାରିକ ଉଭୟ ପ୍ରକାରର ଶିକ୍ଷା କେନ୍ଦ୍ର ଥିଲା ।
* ଶିକ୍ଷା ମନ୍ଦିର, ଆଶ୍ରମ ଓ ଗୁରୁକୁଳ ମାନଙ୍କରେ ଔପଚାରିକ ଶିକ୍ଷା ଥିବା ବେଳେ ପରିବାର, ପୁରୋହିତ, ପଣ୍ଡିତ, ସନ୍ନ୍ୟାସୀ ତଥା ଉତ୍ସବ ପାଳନ ମାଧ୍ୟମରେ ଅନୌପଚାରିକ ଶିକ୍ଷା ଦିଆଯିବାର ବ୍ୟବସ୍ଥା ଥିଲା ।
* ବିଭିନ୍ନ ଧର୍ମ ସୂତ୍ରରେ ଦର୍ଶାଯାଇଛି ଯେ "ମାତା ହିଁ ଶିଶୁର ଶ୍ରେଷ୍ଠ ଗୁରୁ" । କେତେକ ବିଦ୍ୱାନବ୍ୟକ୍ତି ପିତାଙ୍କୁ ମଧ୍ୟ ଶିଶୁର ଶିକ୍ଷକଭାବେ ଗ୍ରହଣ କରନ୍ତି ।

* ବୈଦିକ କାଳରେ ଶିକ୍ଷା ଉଦ୍ଦେଶ୍ୟରେ ପରିଷଦ, ଶାଖା ଓ ଚରଣ ଭଳି ସଂଘ ସ୍ଥାପନା କରାଯାଇଥିଲା । ମାତ୍ର ବ୍ୟବସ୍ଥିତ ଶିକ୍ଷଣ ସଂସ୍ଥା ସାର୍ବଜନୀକ ସ୍ତରରେ ବୌଦ୍ଧମାନଙ୍କ ସମୟରେ ପ୍ରାରମ୍ଭ ହେଲା ।
* ବାଲ୍ମୀକି, ସନ୍ଦୀପନି, କଣ୍ୱ ଆଦି ଋଷିମାନେ ବନ ମଧ୍ୟରେ ଆଶ୍ରମ ସ୍ଥାପନ ପୂର୍ବକ ସେଠାରେ ଛାତ୍ର (ଶିଷ୍ୟ) ମାନଙ୍କୁ ଦର୍ଶନଶାସ୍ତ୍ର, ବ୍ୟାକରଣ, ଜ୍ୟୋତିଷ ଶାସ୍ତ୍ର ତଥା ନାଗରିକ ଶାସ୍ତ୍ର ମଧ୍ୟ ଶିକ୍ଷା ଦେଉଥିଲେ । ଗୁରୁକୂଳଗୁଡ଼ିକ ଗ୍ରାମ ବା ନଗରଠାରୁ ଦୂରରେ ଏକାନ୍ତ ଓ ପବିତ୍ର ପରିବେଶରେ ପ୍ରତିଷ୍ଠା କରାଯାଉଥିଲା । ଏଠାରେ ଶିଷ୍ୟଗଣ ଗୁରୁଙ୍କ ପରିବାରର ଏକ ଅଂଶ ପାଲଟି ଯାଉଥିଲେ । ବିଦ୍ୟାଧ୍ୟୟନ ସହ, ସେମାନେ ସାମାଜିକ ଜୀବନ ବଞ୍ଚିବାର କଳା ଏହିଠାରୁ ଶିଖୁଥିଲେ । ବିଦ୍ୟାଲାଭ ବରବର୍ତ୍ତୀ ସମୟରେ କୌଣସି ଶିଷ୍ୟ ବେକାର ନ ରହି ନିଜ ପାରଙ୍ଗମତା ଅନୁସାରେ ଯେ କୌଣସି ଜୀବିକା ଉପାର୍ଜନର ପନ୍ଥା ଆପଣାଉଥିଲେ ।
* ପରବର୍ତ୍ତୀ ସମୟରେ ରାଜା ତଥା ସାମନ୍ତ ମାନଙ୍କ ପ୍ରୋତ୍ସାହନ ପାଇ ବିଦ୍ୱାନମାନେ ସେମାନଙ୍କ ସଭା ପ୍ରତି ଆକର୍ଷିତ ହେଲେ ଫଳରେ ସେମାନେ ରାଜଧାନୀ ବା ତତ୍ ନିକଟବର୍ତ୍ତୀ ଅଞ୍ଚଳରେ ଶିକ୍ଷା କେନ୍ଦ୍ର ଖୋଲିଲେ । ଫଳ ସ୍ୱରୂପ ତକ୍ଷଶିଳା, ପାଟଳିପୁତ୍ର, କାନ୍ୟକୁବ୍ଜ, ମିଥିଳା, ଧାମା, ତାଞ୍ଜୋର ଆଦି ସ୍ଥାନରେ ଶିକ୍ଷାୟତନମାନ ଗଢି ଉଠିଲା ।
* ପୁନଶ୍ଚ କେତେକ ବିଦ୍ୱାନ ତୀର୍ଥସ୍ଥାନ ମାନଙ୍କ ପ୍ରତି ଆକୃଷ୍ଟ ହୋଇ କାଶୀ, କର୍ଣ୍ଣାଟକ, ନାସିକ ଆଦି ସ୍ଥାନରେ ଶିକ୍ଷା କେନ୍ଦ୍ରମାନ ଖୋଲିଲେ ।
* ଏସବୁ ବ୍ୟତୀତ ଖ୍ରୀଷ୍ଟିୟ ଶତାବ୍ଦୀ ବେଳକୁ ହିନ୍ଦୁ ସଂପ୍ରଦାୟର ମଠ ମାନଙ୍କର ଆଚାର୍ଯ୍ୟଙ୍କ ପ୍ରଭାବରେ ମଠ ଶିକ୍ଷାର ମହତ୍ୱପୂର୍ଣ୍ଣ କେନ୍ଦ୍ର ପାଲଟିଲା । ଏ କ୍ଷେତ୍ରରେ ଶଙ୍କରାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ ଓ ମଧ୍ୱାଚାର୍ଯ୍ୟଙ୍କ ମଠ ପ୍ରସିଦ୍ଧ ।
* ଭଗବାନ୍ ବୁଦ୍ଧ ମଧ ଶିକ୍ଷାଦୀକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଥିଲେ । ଫଳସ୍ୱରୂପ ସମ୍ରାଟ ଅଶୋକଙ୍କ ଦ୍ୱାରା ବୌଦ୍ଧ ବିହାର ଗୁଡ଼ିକର ଉନ୍ନତିକରଣ କରାଯାଇ ସାର୍ବଜନୀକ ଶିକ୍ଷଣ ସଂସ୍ଥାମାନ ସ୍ଥାପିତ ହେଲା । ପରବର୍ତ୍ତୀ ସମୟରେ ଏଗୁଡ଼ିକ ବିଦ୍ୟାର ମହାନ କେନ୍ଦ୍ରରେ ପରିଣତ ହେଲା । ନାଳାନ୍ଦା, ବଲ୍ଲଭୀ, ବିକ୍ରମଶିଳା ପ୍ରମୁଖ ୪୫୦ ରୁ ୮୦୦ ଖ୍ରୀ.ଅ. ମଧ୍ୟରେ ସ୍ଥାପିତ ହୋଇଥିଲେ ।

**ନାରୀଶିକ୍ଷା :-**

ଗୋଭିଲ ଗୃହସୂତ୍ର ଅନୁସାରେ "ଅଶିକ୍ଷିତ ପତ୍ନୀ ଯଜ୍ଞ କାର୍ଯ୍ୟ ପାଇଁ ସମର୍ଥ ନୁହନ୍ତି ।" ଏଥିରୁ ତତ୍କାଳୀନ ନାରୀ ଶିକ୍ଷାର ସୂଚନା ମିଳେ ।

* ପ୍ରାଚୀନ ବେଦ ରଚନାରେ ମଧ ନାରୀମାନଙ୍କ ଭୂମିକା ସ୍ୱିକାର୍ଯ୍ୟ । ବୈଦିକ ଯୁଗରେ ନାରୀମାନେ ଯଜ୍ଞୋପବୀତ ଧାରଣ ପୂର୍ବକ ବେଦ ଅଧ୍ୟୟନ ଓ ସଂଧ୍ୟା ତଥା ହୋମ କର୍ମ ମଧ କରୁଥିଲେ । ହରିତ ସଂହିତା ଅନୁସାରେ ବୈଦିକ କାଳରେ ବ୍ରହ୍ମବାଦିନୀ ଓ ସଦ୍ୟୋବାତ୍ ୨ ପ୍ରକାରର ଶିକ୍ଷା ଗ୍ରହଣ କରୁଥିବା କନ୍ୟାମାନେଥିଲେ । ଗାଥା ସପ୍ତସତିରେ ସାତଜଣ କବୟିତ୍ରିଙ୍କ ରଚନା ସ୍ଥାନିତ ହୋଇଛି । ଶୀଳାଭଟ୍ଟାରିକା, ଦେବୀ, ବିଜୟାଙ୍କା, ଅବନ୍ତୀ ସୁନ୍ଦରୀ ଆଦି କବୟିତ୍ରି ତତ୍କାଳୀନ ସମୟର ନାରୀ ଶିକ୍ଷାର ଏକଏକ ଉଦାହରଣ ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଯେ ଭାରତର ଏକ ସୁ-ସଙ୍ଗଠିତ ଶିକ୍ଷା ବ୍ୟବସ୍ଥା ପ୍ରାଚୀନ କାଳରୁ ରହି ଆସିଛି । ମାତ୍ର ଆଧୁନିକ ସମୟ ବେଳକୁ ମାନବ ସମ୍ବଳର ସୁସୁପ୍ତି କାରଣରୁ ଭାରତୀୟ ଶିକ୍ଷା ବ୍ୟବସ୍ଥା ଇଂରେଜ ଶାସନ କାଳରେ ଉଲ୍ଲୁଣ୍ଠିତ ହେଲା । ମାକ୍‌ଲେ ଶିକ୍ଷା ପ୍ରଣାଳୀ ଭାରତର ସୁ-ସଂଗଠିତ ପ୍ରାଚୀନ ଶିକ୍ଷା ବ୍ୟବସ୍ଥାର ଅନ୍ତ ଘଟାଇଲା । ପରାଧୀନ ଭାରତରେ ୧୮୩୫ ମସିହାରେ ଲର୍ଡ୍ ବେଣ୍ଟିକ୍ ପ୍ରଥମ କରି ଭାରତୀୟ ଶିକ୍ଷା ବ୍ୟବସ୍ଥା ନିଶ୍ଚୟ କଲେ । ୧୮୫୭ରେ ଇଂରେଜ ସରକାର ସରକାରୀ କାର୍ଯ୍ୟରେ ସହଯୋଗୀ (କିରାଣି) ପ୍ରାପ୍ତି ଉଦ୍ଦେଶ୍ୟରେ କଲିକତା, ମୁମ୍ବାଇ ଓ ଚେନ୍ନାଇଠାରେ ବିଶ୍ୱବିଦ୍ୟାଳୟମାନ ସ୍ଥାପନ କଲେ । ପରେ ୧୮୮୨ରେ ଭାରତୀୟ ଶିକ୍ଷା ଆୟୋଗ ନିଯୁକ୍ତ ହେଲେ । ଏହି କ୍ରମରେ ଭାରତୀୟମାନେ ତଥାପି ଆପଣା ସଂସ୍କୃତିର ସୁରକ୍ଷା ପାଇଁ ସ୍ୱ ଉଦ୍ୟମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ଥାପନ କରିବାରେ ଲାଗିଥିଲେ । ଫଳସ୍ୱରୂପ ୧୮୮୬ ରେ ଆର୍ଯ୍ୟ ସମାଜ ଦ୍ୱାରା ଲାହୋରରେ 'ଦୟାନନ୍ଦ ଆଙ୍ଗ୍‌ଲୋ ବୈଦିକ କଲେଜ' ୧୮୯୮ରେ ଆନିବେସାନ୍ତଙ୍କ ଦ୍ୱାରା କାଶୀରେ 'ସେଣ୍ଟ୍ରାଲ୍ ହିନ୍ଦୁ କଲେଜ' ସ୍ଥାପିତ ହେଲା ।

୧୯୦୧ରେ ଲର୍ଡ୍ କର୍ଜନ୍ ଶିମଳାଠାରେ ବିନା କୌଣସି ଭାରତୀୟଙ୍କ ଜ୍ଞାତରେ ଏକ ଗୁପ୍ତ ଶିକ୍ଷା ସମ୍ମେଳନର ଆୟୋଜନ କଲେ । ଏହାର ନିର୍ଣ୍ଣିତ ବିବରଣୀ ମଧ ସାଧାରଣରେ ପ୍ରକାଶ କରାଗଲା ନାହିଁ । ଫଳରେ ଭାରତୀୟମାନେ ଏହାକୁ ଭାରତ ବିରୋଧି ଷଡ଼ଯନ୍ତ୍ର ମନେ କଲେ । ୧୯୦୨ ରେ ଭାରତୀୟ ବିଶ୍ୱ ବିଦ୍ୟାଳୟ ଆୟୋଗ ନିଯୁକ୍ତ ହେଲେ । ୧୯୦୪ରେ ଭାରତୀୟ ବିଶ୍ୱବିଦ୍ୟାଳୟ କାନୁନ୍ ତିଆରି ହେଲା । ୧୯୦୫ରେ ସ୍ୱଦେଶୀ ଆନ୍ଦୋଳନ ସମୟରେ ଜାତୀୟ ଶିକ୍ଷା ପରିଷଦ ସ୍ଥାପିତ ହେଲା ।

୧୯୧୧ରେ ଗୋପାଳକୃଷ୍ଣ ଗୋଖଲେ ପ୍ରଥମିକ ଶିକ୍ଷାକୁ ନିଃଶୁଳ୍କ କରିବାର ପ୍ରଚେଷ୍ଟା କରି ବିଫଳ ହେଲେ । ୧୯୧୩ବେଳକୁ ଇଂରେଜ ସରକାର ଶିକ୍ଷାନୀତିର ପରିବର୍ତ୍ତନ ପାଇଁ କଳ୍ପନା କରିଥିଲେ ମଧ ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁ ତାହା ହୋଇ ପାରି ନ ଥିଲା ।

ଅସହଯୋଗ ଆନ୍ଦୋଳନ(୧୯୨୦) ବେଳକୁ ଭାରତୀୟ ଶିକ୍ଷିତ ଗୋଷ୍ଠୀ ଦେଶର ପ୍ରାଚୀନ ଶିକ୍ଷା ପଦ୍ଧତିର ପୁନରୁଦ୍ଧାର ନିମନ୍ତେ ପ୍ରଚେଷ୍ଟା କଲେ । ଫଳତଃ ଦେଶର ବିଭିନ୍ନ ସ୍ଥାନରେ ଜାତୀୟତା ବାଦୀ ବିଦ୍ୟାଳୟମାନ ସ୍ଥାପିତ ହେଲା । ଓଡ଼ିଶାର ସତ୍ୟବାଦୀ ବନବିଦ୍ୟାଳୟ ଏହାର ଏକ ପ୍ରକୃଷ୍ଟ ଉଦାହରଣ ।

୧୯୩୦ ରୁ ୩୫ ମଧ୍ୟରେ ଶିକ୍ଷା ବ୍ୟସ୍ଥାରେ ବେକାରୀ ସମସ୍ୟାର ସମାଧାନ ପାଇଁ ସମ୍ୟକ୍ ପ୍ରଚେଷ୍ଟା ହେଲା । ୧୯୩୭ରେ ଭାରତୀୟ ଶିକ୍ଷା ପାଇଁ ଏକ ନୂଆ ଯୋଜନା ପ୍ରସ୍ତୁତ ହେଲା । ଯାହାକି ୧୯୩୮ରୁ 'ବୁନିଆଦୀ ଶିକ୍ଷା' ନାମରେ ପରିଚିତ ହେଲା । ୧୯୪୫ରେ ଏହି ଶିକ୍ଷାକୁ ପରିବର୍ତ୍ତନ କରାଯାଇ ଏହାର ନାମ 'ନୂଆ ତାଲିମ୍' ରଖାଗଲା । ଏଥିରେ ୪ ପ୍ରକାରର ତାଲିମ ବ୍ୟବସ୍ଥା ରହିଲା ।

ସ୍ୱାଧୀନତା ପ୍ରାପ୍ତି ପରେ ଦେଶରେ ୧୯୪୮-୪୯ ମସିହାରେ ରାଧାକୃଷ୍ଣ ଆୟୋଗ ଗଠିତ ହେଲା । ୧୯୫୩ରେ ମାଧ୍ୟମିକ ଶିକ୍ଷା ଆୟୋଗ ଓ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ ଗଠିତ ହେଲ । ଶିକ୍ଷାନୀତି କ୍ଷେତ୍ରରେ ୧୯୬୩ ମସିହାରେ କୋଠାରି ଶିକ୍ଷା ଆୟୋଗ ଗଠିତ ହେଲା ।

ଦୌଲତ ସିଂ କୋଠାରୀଙ୍କ ଅଧ୍ୟକ୍ଷତାରେ ଗଠିତ କୋଠାରୀ ଶିକ୍ଷା ଆୟୋଗଙ୍କ ସୁପାରିସ ଅନୁସରଣରେ ୧୯୬୮ ମସିହାରେ ଜାତୀୟ ଶିକ୍ଷାନୀତି ପାଇଁ ପ୍ରସ୍ତାବ ପ୍ରକାଶିତ ହେଲା ।

କୋଠାରୀ ଆୟୋଗଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିଦ୍ୟାଳୟ ସ୍ତରର ଶିକ୍ଷା ପ୍ରଣାଳୀକୁ ନୂତନ ଆକାର ଓ ନୂଆ ଦିଗନ୍ତ ପ୍ରଦାନ କରିବା । ତତ୍କାଳୀନ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗର ଅଧ୍ୟକ୍ଷ ଡ. ଦୌଲତ ସିଂ କୋଠାରୀ ଥିଲେ ଏହି ଆୟୋଗର ଅଧ୍ୟକ୍ଷ ।

ଏହି ଆୟୋଗ ଭାରତୀୟ ବଦଳୁଥିବା ସାମାଜିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ନିଜସ୍ୱ ଗଠନ ମୂଳକ ମତ ବ୍ୟକ୍ତ କରିଥିଲେ ।

ସ୍ୱାଧୀନ ଭାରତର ୧ମ ଶିକ୍ଷାନୀତି ୧୯୮୬ ମସିହା ଜୁଲାଇ ୨୪ ତାରିଖ ଦିନ ଘୋଷଣା କରାଗଲା । ରାଷ୍ଟ୍ରିୟ ଐକ୍ୟ, ସାମାଜିକ ଦକ୍ଷତା ଓ ଏକ ସମାଜବାଦୀ ସମାଜ ସ୍ଥାପନା ଲକ୍ଷରେ ଏହି ଶିକ୍ଷାପୀତି ଗୃହୀତ ହେଲା । ଏଥିରେ ଶିକ୍ଷା ପ୍ରଣାଳୀକୁ ୧୦+୨+୩ ଆଧାରରେ ନିଆଗଲା । ଏଥିରେ ବିଜ୍ଞାନ ଓ ଟେକ୍ନୋଲୋଜି ଶିକ୍ଷାକୁ ଗୁରୁତ୍ୱ ଦିଆଯିବା ସହ ନୈତିକ ତଥା ମୂଲ୍ୟବୋଧ ଭିତ୍ତିକ ସମାଜିକ ଶିକ୍ଷାକୁ ବିକାଶକୁ ମଧ ପ୍ରାଧାନ୍ୟ ଦିଆଗଲା ।

ପରବର୍ତ୍ତୀ ସମୟରେ ୧୮୮୬ର ଜାତୀୟ ଶିକ୍ଷାନୀତିର ସମୀକ୍ଷା ପାଇଁ ୧୯୯୦ରେ ଆଚାର୍ଯ୍ୟ ରାମମୂର୍ତ୍ତି ଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ସମିତି ଗଠିତ ହୋଇଯାଇଛି । ପୁନଶ୍ଚ ୧୯୯୩ରେ ପ୍ରଫେସର ଯଶପାଳ ସମିତି ମଧ ଗଠି ହୋଇ ସାରିଛି ।

**ଭାରତର ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତି (୨୦୨୦) :-**

ଜୁଲାଇ ମାସ ୨୯ ତାରିଖ ୨୦୨୦ରେ ଆମ ଦେଶର ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ଘୋଷଣା କରାଯାଇଛଇ । ୧୯୮୬ ର ଶିକ୍ଷାନୀତି ପରେ ଏହା ଆମ ଦେଶର ପରିବର୍ତ୍ତିତ ପ୍ରଥମ ଶିକ୍ଷାନୀତି । ଏହି ରାଷ୍ଟ୍ରୀୟ ଶିକ୍ଷାନୀତି ଅନ୍ତରିକ୍ଷ ବୈଜ୍ଞାନିକ କେ. କସ୍ତୁରୀ ରଂଗନ୍ଙ୍କ ଅଧ୍ୟକ୍ଷତାରେ ଥିବା ସମିତିଙ୍କ ରିପୋର୍ଟ ଆଧାରରେ ଗଠିତ ।

ଏହି ଶିକ୍ଷାନୀତିରେ ଶିକ୍ଷାର ଉପଲବ୍ଧତା, ସମାନତା, ଗୁଣବତା, ଉତରଦାୟିତ୍ୱ ଭଳି ଦିଗକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ନୀତି ଅନୁସାରେ "ମାନବ ସଂସାଧନ ବିକାଶ ମନ୍ତ୍ରାଳୟ"ର ନାମ ପରିବର୍ତନ କରି "ଶିକ୍ଷା ମନ୍ତ୍ରାଳୟ" ରଖା ଯାଇଛି ।

ଏହି ଶିକ୍ଷାନୀତିରେ ପୂର୍ବର ୧୦+୨+୩ ଫର୍ମାଟ୍‌କୁ ସଂପୂର୍ଣ୍ଣ ପରିବହିତ କରି ୫+୩+୩+୪ ଫର୍ମାଟ୍‌ରେ ପରିଣତ କରାଯାଇଛି । ଯାହାର ଅର୍ଥ ବିଦ୍ୟାଳୟ ଶିକ୍ଷା ପୂର୍ବରୁ ୫ବର୍ଷ (ପୂର୍ବ ପ୍ରାଥମିକ ଶିକ୍ଷା -୩ବର୍ଷ, ୧ମ ଓ ୨ୟ ଶ୍ରେଣୀର ଭିତି ପ୍ରସ୍ତର ସ୍ଥାପନ ପାଇଁ-୨ବର୍ଷ) ସାମିଲ କରାଯାଇଛି । ୩ୟ ଶ୍ରେଣୀରୁ ୫ମ ଶ୍ରେଣୀ (୩ ବର୍ଷ) ପ୍ରସ୍ତୁତି ଚରଣରେ ରହିବ । ଏହାପରେ ୬ଷ୍ଠରୁ ୮ମ (୩ବର୍ଷ) ମଧ ସ୍ତର, ପୁଣି ୯ମ ରୁ ୧୨ଶ (୪ ବର୍ଷ) ସେକେଣ୍ଡାରୀ ସ୍ତର ରହିବ ।

ଏଣିକି ଛାତ୍ର ଛାତ୍ରୀଙ୍କ ପାଇଁ କୌଣସି (କଳା, ବିଜ୍ଞାନ, ବାଣିଜ୍ୟ) ପାଠ୍ୟକ୍ରମ ପାଇଁ କଠୋରତା ରହିବ ନାହିଁ । ସେମାନେ ସ୍ୱଇଚ୍ଛାରେ ଯେକୌଣସି ପାଠ୍ୟକ୍ରମ ଗ୍ରହଣ କରିପାରିବେ ।

ନୂତନ ଶିକ୍ଷାନୀତିର ପ୍ରସ୍ତୁତି ପାଇଁ ୨୦୧୭ ରୁ ମାନବ ସଂସାଧନ ବିକାଶ ମନ୍ତ୍ରାଳୟ ଏକ କମିଟି ଗଠନ କରିଥିଲେ । ଯାହାର ଚେୟାରମ୍ୟାନ୍ ଥିଲେ ଡ଼ : କେ କସ୍ତୁରୀରଂଗନ୍ । ଏହି କମିଟି ୨୦୧୯ରେ ଡ୍ରାଫଟ୍ ପ୍ରସ୍ତୁତ କରି ପ୍ରଦାନ କଲେ ଯାହାକି N.E.P. 1986 ସ୍ଥାନରେ ୨୦୨୦ ଜୁଲାଇ ୨୯ ତାରିଖରୁ ଘୋଷିତ ହୋଇ ୩୦ ତାରିଖରୁ ଜାରି କରାଗଲା ।

ବିଦ୍ୟାଳୟ ଶିକ୍ଷାର କରିକୁଲମକୁ ଏଥିରେ ୧୯୮୬ ଅପେକ୍ଷା ପରିବର୍ତିତ କରାଗଲା ।

**ପରିବର୍ତି ଢାଂଚାର ଆକାର ନିମ୍ନ ପ୍ରକାରେ ରହିଲା :-**

**୧. ଭିତି ପ୍ରସ୍ତରଚରଣ -**

(କ) ୩ ରୁ ୬ ବର୍ଷ ପର୍ଯ୍ୟନ୍ତ ଶିକ୍ଷାଦାନର ପୂର୍ବ ପ୍ରସ୍ତୁତି ସ୍ତର ।

(ଖ) ଶ୍ରେଣୀ ୧ମ ଓ ୨ୟ ୬ ରୁ ୮ ବର୍ଷ ପର୍ଯ୍ୟନ୍ତ

**୨. ପ୍ରସ୍ତୁତି ଚରଣ-**

୮ ରୁ ୧୧ ବର୍ଷ ବୟସ ଶ୍ରେଣୀ ୩ୟ ରୁ ୫ମ

**୩. ମାଧ୍ୟମିକ ଚରଣ-**

୧୧ ରୁ ୧୪ବର୍ଷ ବୟସ ଶ୍ରେଣୀ ୬ଷ୍ଠ ରୁ ୮ମ

**୪. ସେକେଣ୍ଡାରୀ ଚରଣ -**

୧୪ ରୁ ୧୮ ବର୍ଷ ବୟସ ଶ୍ରେଣୀ ୯ମ ରୁ ୧୨ଶ

ବିଦ୍ୟାଳୟରେ ପ୍ରାଥମିକ ଶ୍ରେଣୀମାନଙ୍କରେ ନାମ ଲେଖା ଯଥେଷ୍ଟ ହେଉଥିଲେ ମଧ ଉପର ଶ୍ରେଣୀ ହେବା ବେଳକୁ ଛାତ୍ର ଛାତ୍ରୀ ସଂଖ୍ୟା କମିବାରେ ଲାଗୁଛି । ଜାତୀୟ ଶିକ୍ଷାନୀତି ୨୦୨୦ ରେ ଏ ସଂଖ୍ୟା ସ୍ଥିର ରଖିବାର ପ୍ରସ୍ତାବ ରହିଛି ।

ବିଦ୍ୟାର୍ଥୀମାନଙ୍କ ସୁବିଧା ଓ ଆଗ୍ରହକୁ ଆଖିରେ ରଖି ପ୍ରତି ବିଷୟର କରିକୁଲମ୍‌ରେ ମଧ ପରିବର୍ତ୍ତନର ଲକ୍ଷ୍ୟ ରଖାଯାଇଛି । ମାତୃଭାଷାକୁ ଶିକ୍ଷାଦାନର ମାଧମ କରାଯିବା ଉପରେ ଜୋର ଦିଆ ଯାଇଛି । ପୂର୍ବପରି ଭାଷାତ୍ରୟର ବ୍ୟବସ୍ଥା ରହିବ । କୌଣସି ରାଜ୍ୟକୁ କୌଣସିଟି ଭାଷା ପଢ଼ାଇବାକୁ ବାଧ କରାଯିବ ନାହିଁ । ଭାଷାତ୍ରୟରୁ ୨ଟି ଆମ ଦେଶର ଭାଷା ଓ ଗୋଟିଏ ବିଦେଶୀ ଭାଷା ହେବ । ଶିକ୍ଷାର ସମସ୍ତ ସ୍ତରରେ ସଂସ୍କୃତ ଭାଷାକୁ ବିକଳ୍ପ ଭାଷା ଭାବରେ ଗ୍ରହଣ କରାଯିବ ।

ମୂଲ୍ୟାୟନ କ୍ଷେତ୍ରରେ ମଧ ପରିବର୍ତ୍ତନ କରାଯାଇଛି । ଫଳତଃ ଗୋଟିଏ ବର୍ଷ ୨ଥର ପରୀକ୍ଷା ଦେବାର ବିକଳ୍ପ ବ୍ୟବସ୍ଥା ରଖାଯାଇଛି । ପାଠ୍ୟକ୍ରମରେ ଅନେକ ବିଷୟ ସାମିଲ୍ ହେବ ଓ ଛାତ୍ରଛାତ୍ରୀ ନିଜ ପସନ୍ଦ ମୁତାବକ ବିଷୟ ଚୟନ କରିବେ ।

ଏତଦ୍‌ଭିନ୍ନ ଶିକ୍ଷକଙ୍କ ପ୍ରଶିକ୍ଷଣ ଉପରେ ମଧ N.E.P.ରେ ଗୁରୁତ୍ୱ ଦିଆଯାଇଛି । ବିଦ୍ୟାଳୟରେ ପର୍ଯ୍ୟାପ୍ତ ଶିକ୍ଷକ କି, ପର୍ଯ୍ୟାପ୍ତ ଭୌତିକ ସଂସାଧନ ଓ ସୁ-ଶାସନର ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି । ବିଦ୍ୟାଳୟ ଗୁଡ଼ିକୁ ଉପଯୁକ୍ତ ମାନଦଣ୍ଡ ପ୍ରଦାନ ପାଇଁ ରାଜ୍ୟ ସ୍ତରରେ ଅଥରିଟି ପ୍ରସ୍ତୁତକୁ ଗୁରୁତ୍ୱ ଦିଆଯାଇଛି ।

ସମଗ୍ର ଶିକ୍ଷାକୁ ସମଗ୍ରଭାବେ ବିକଶିତ କରାଇବାର ଲକ୍ଷ୍ୟ N.E.P. କାର୍ଯ୍ୟକାରୀ ହେବା ପୂର୍ବରୁ 2018-19 ମସିହାରୁ ରଖାଯାଇଛି । ବିଦ୍ୟାଳୟ ପୂର୍ବ ପାଠ୍ୟକ୍ରମ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ଏଥିରେ ଗୁରୁତ୍ୱ ଦିଆଯାଇଛି ।

ଏହି କାର୍ଯ୍ୟକ୍ରମ ଦେଶର ପ୍ରତିଟି ସ୍ତର-ରାଜ୍ୟ, ଜିଲ୍ଲା ଉପଜିଲ୍ଲାରେ କାର୍ଯ୍ୟନ୍ୱୟନ କରାଯିବାର ଲକ୍ଷ୍ୟ ରଖାଯାଇଛି । 2030 ମସିହା ସୁଧା ଦେଶର ସମସ୍ତ ଛାତ୍ରଛାତ୍ରୀଙ୍କୁ ଗୁଣବତାପୂର୍ଣ୍ଣ ପ୍ରାଥମିକ ତଥା ମାଧମିକ ଶିକ୍ଷାରେ ସାମିଲ କରିବାର ଲକ୍ଷ୍ୟରେ ସାମଗ୍ରିକ ବିକାଶ ପ୍ରକ୍ରିୟାକୁ ଶିକ୍ଷା ବ୍ୟବସ୍ତାରେ ସାମିଲ କରାଯାଇଛି ।

**ସମଗ୍ର ଶିକ୍ଷା ହେଉଛି :-**

Holistic education is a comprehensive approach to teaching where educators seeks to address the emotional, social, ethical and academic needs of students in an integrated learning format.

ଏହି ଯୋଜନାରେ ବିଦ୍ୟାଳୟ ସ୍ତରରେ ଶିକ୍ଷା ବ୍ୟସ୍ଥାର ପ୍ରତ୍ୟେକଟି ଦିଗକୁ ଗୁରୁତ୍ୱ ଦେବାର ଲକ୍ଷ୍ୟ ରଖାଯାଇଛି ।

**ଶିକ୍ଷା କ୍ଷେତ୍ରରେ -**

ବୁନିଆଦୀ ଢାଂଚାର ବିକାଶ, ଲିଙ୍ଗଗତ ଅସମାନତା ଦୂର, ସହଯୋଗୀ ଶିକ୍ଷା, ଗୁଣବତାପୂର୍ଣ୍ଣ ଶିକ୍ଷା ଶିକ୍ଷକଙ୍କ ବେତନ ପାଇଁ ବିତିୟ ସାହାଯ୍ୟ, ଶିକ୍ଷାକୁ ଡ଼ିଜିଟାଲଇଜେସନ୍ କରିବା, ଗଣବେଶ ଓ ପାଠ୍ୟ ଉପକରଣ ଯୋଗାଣ, ବ୍ୟବସାୟିକ ଶିକ୍ଷାର ପ୍ରାଧାନ୍ୟ, ଶିକ୍ଷକ ପ୍ରଶିକ୍ଷଣକୁ ଅଗ୍ରାଧିକାର, ଇତ୍ୟାଦି ବିଷୟକୁ ଯୋଜନାରେ ଅଗ୍ରାଧିକାର ଦେବାର ଲକ୍ଷ୍ୟ ରଖାଯାଇଛି ।

ସମଗ୍ର ଶିକ୍ଷା ଯୋଜନାରେ ଦୁଇଟି - T ଉପରେ ଜୋର୍ ଦିଆଯାଇଛି । Teacher ଓ Technology ।

ସର୍ବୋପରି ଏହି ଯୋଜନା ବିଦ୍ୟାଳୟ ଶିକ୍ଷାର ବିଭିନ୍ନ ସ୍ତରର ସୁଧାର କରିବାରେ ସହାୟକ ହେବ ଓ ଛାତ୍ରଛାତ୍ରୀଙ୍କ ସର୍ବଭୌତିକ ବିକାଶରେ ସହାୟକ ହେବ । ଏଥିରେ ଛାତ୍ରଛାତ୍ରୀଙ୍କ ଆବେଗ, ସାମାଜିକ, ଜୈବିକ ତଥା ବିଦ୍ୟାଳୟ ସ୍ତରୀୟ ଶୈକ୍ଷିକ ଆବଶ୍ୟକତାକୁ ପୂର୍ଣ୍ଣାଙ୍ଗ ଶିକ୍ଷା ମାଧମରେ ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖା ଯାଇଛି ।

ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରସଙ୍ଗରେ ଶ୍ରୀ ଅରବିନ୍ଦଙ୍କ ଶିକ୍ଷା ଦର୍ଶନକୁ ବିଚାର କରାଯାଇ ପାରେ । ସେ କହୁଥିଲେ ଶିକ୍ଷାଦ୍ୱାରା ମାନବର ମାନସିକ ବିକାଶ ସମ୍ଭବ, ଯାହାଦ୍ୱରା ସେ ନିଜକୁ ଏକ ଉଚ୍ଚତର ସ୍ତରକୁ (ଅତିମାନବ) ଉନ୍ନୀତ କରାଇପାରିବ । ଏଣୁ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଶିକ୍ଷା ଦର୍ଶନ ଲକ୍ଷ୍ୟ ଦୃଷ୍ଟିରୁ ଆଦର୍ଶବାଦୀ, କ୍ରିୟା ନ୍ୱୟନ ଦୃଷ୍ଟିରୁ ପ୍ରୟୋଜନବାଦୀ, ମହତ୍ୱାକାଂକ୍ଷା ଦୃଷ୍ଟିରୁ ମାନବବାଦୀ ତଥା ଆବଶ୍ୟକତା ଦୃଷ୍ଟିରୁ ଯଥାର୍ଥବାଦୀ ଅଟେ ।

ବର୍ତ୍ତମାନ ମଧ ଭାରତର ବିଭିନ୍ନ ସ୍ଥାନରେ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରମାନ ରହିଛି । ହୁଏତ ସେ ସମସ୍ତ ବିଦ୍ୟାଳୟରେ ସମଗ୍ର ବିକାଶ ମୂଳକ ଶିକ୍ଷା କ୍ଷେତ୍ରରେ ଏ ପର୍ଯ୍ୟନ୍ତ ଯଥେଷ୍ଟ ସଫଳତା ମିଳିଥାଇ ପାରେ ବା ନ ଥାଇ ମଧ ପରେ, ତଥାପି ସମଗ୍ର ଶିକ୍ଷା ବିଷୟଟି ଯେ ଆମ ଦେଶ ପାଇଁ ନୂଆ ନୁହେଁ ଏ କଥା ପ୍ରମାଣିତ । ଏଣୁ ପ୍ରାଚୀନ ଶିକ୍ଷା ପଦ୍ଧତି, (ଯେଉଁଥିରେ ଏକ ଶ୍ରେଣୀହୀନ ସମାଜ ଗଠନର ସଂକଳ୍ପ ଥିଲା) । ସେହିଭଳି ଶିକ୍ଷା ପଦ୍ଧତି ଥିଲା । ଏହି ପଦ୍ଧତି ଅବଲମ୍ବନ କରାଯାଇପାରିଲେ ଦେଶରୁ ବେକାରୀ ସମସ୍ୟା ସମୂଳେ ଶେଷ ହେବ । ଏଥିରେ ସନ୍ଦେହ ରହିବା ଅନାବଶ୍ୟକ । ଶିକ୍ଷା କ୍ଷେତ୍ରରେ ପ୍ରତ୍ୟେକଟି ବିଷୟ କୁ ଗୁରୁତ୍ୱର ସହ ଅଧ୍ୟୟନର ସୁଯୋଗ ମିଳିଲେ ଛାତ୍ରଛାତ୍ରୀଙ୍କ ମନରୁ ହୀନମାନ୍ୟତା ବା ଅହଂକାର ମନୋଭାବ ଦୂର ହେବ । ଯାହାଫଳରେ ଯେ କୌଣସି କାର୍ଯ୍ୟପନ୍ଥା ଆପଣାଇ ସେମାନେ ନିଜର ତଥା ଦେଶର ମଙ୍ଗଳ କରିପାରିବେ ।

◆◆◆

## ହସକଥା

**ନାମ - ସସ୍ମିତା ସାହୁ**
**ଶ୍ରେଣୀ - ଷଷ୍ଠ**

ରାମୁ - ସୋମୁ, ତୁ ଯେଉଁ ଗଛ ମୋ ଘର ସାମ୍ନାରେ ଲଗାଇଥିଲୁ ସେ ଆଜି ପର୍ଯ୍ୟନ୍ତ ବଢ଼ୁନି ।

ସୋମୁ - ତୁ କେମିତି ଜାଣିଲୁ ?

ରାମୁ - ମୁଁ ପ୍ରତିଦିନ ସେ ଗଛକୁ ଉପାଡ଼ି ଦେଖୁଛି ସେ ବଢ଼ୁଛି କି ନାହିଁ ।

***

# ଗପ ହେଲେ ବି ସତ

ନାମ- ନିର୍ମଳା ପୃଷ୍ଟି
(ଆଚାର୍ଯ୍ୟା)

ବୃଦ୍ଧାଶ୍ରମର ପିଣ୍ଡି ଉପରେ ବସିଥିଲେ ଶ୍ଳଥଚର୍ମ ବେଷ୍ଟିତ ଅସ୍ଥି କଙ୍କାଳ ସାର ଜଣେ ବୃଦ୍ଧ । କୋଟରାଗତ ଚକ୍ଷୁର ବହିଯାଉଥିଲା ଧାର ଧାର ଅଶ୍ରୁ । ଶୂନ୍ୟ ଆକାଶକୁ ଚାହିଁ ସତେ ଯେମିତି ସେ ତନ୍ନ ତନ୍ନ କରି ପଢୁଥିଲେ ତାଙ୍କ ବିଗତ ଦିନର ହସ କାନ୍ଦରେ ଲିପିବଦ୍ଧ ସେଇ ଆତ୍ମ ପଞ୍ଜିକା । ଓଲଟାଇ ଚାଲୁ ଥିଲେ ପୃଷ୍ଠା ପରେ ପୃଷ୍ଠା । ସେଇ ବୃଦ୍ଧ ଜଣକ ହେଉଛନ୍ତି ସଦେଇ, ଓରଫ୍ ସଦାନନ୍ଦ ଜେନା.... ।

ଛୋଟ ପରିବାର । ହସ ଖୁସିର ସଂସାର । ସଦାନନ୍ଦଙ୍କ ପତ୍ନୀ ସୁରମା । ଆଉ ଏକମାତ୍ର ପୁଅ ଶିବ ପ୍ରସାଦ । ଶିବଙ୍କ ବ୍ରତ ଉପବାସ କରି ସେ ଏଇ ପୁତ୍ର ସନ୍ତାନଟିକୁ ଲାଭ କରିଥିବାଲେ । ବାପା ମାଆଙ୍କର ଅତି ଆଦରର ଏକମାତ୍ର କୂଳନନ୍ଦନ । ତାର ଜନ୍ମ ପୁଣି ଫାଲଗୁନ ପୂର୍ଣ୍ଣିମା ରାତ୍ରୀରେ । ସଦାନନ୍ଦ ଭାବିଥିଲେ....., ଶ୍ରୀଚୈତନ୍ୟ ମହାପ୍ରଭୁ ଏହି ଫାଲ୍‌ଗୁନ୍ ପୂର୍ଣ୍ଣିମାରେ ଜନ୍ମ ଗ୍ରହଣ କରିଥିଲେ । ସେ ଥିଲେ ଭଗବାନଙ୍କର ଅବତାର । "ମୋ ପୁଅ ମଧ ସେମିତି ଭଗବାନଙ୍କର ଅଂଶକାଳ ନେଇ ଜନ୍ମ ଲାଭ କରିଛି । ସେ ବଡ଼ ହେଲେ ନିଶ୍ଚୟ ଶ୍ରୀଚୈତନ୍ୟଙ୍କ ଭଳି ଭଗବତ୍ ଭାବରେ ଉଦ୍‌ବୁଦ୍ଧ ହୋଇ ପରମାର୍ଥ ପଥରେ ରହିବ ।" ସୁରମା ମନରେ ଆଶା ବାନ୍ଧେ । ଆନନ୍ଦରେ ବିଭୋର ହୋଇ ସେ ସଦାନନ୍ଦଙ୍କୁ କହନ୍ତି..... ଜାଣିଛ ! "ଆମ ପୁଅ ଶ୍ରୀଚୈତନ୍ୟଙ୍କ ଭଳି ଦୁଇ ହାତ ଉପରକୁ ଟେକି ଶୋଉଛି । ସେ ବଡ଼ ହେଲେ ନିଶ୍ଚୟ ଶ୍ରୀ ଚୈତନ୍ୟଙ୍କ ଭଳି ହେବ ।" ଆଶାର ଝଲକରେ ଉଦ୍‌ଭାସିତ ହୋଇ ଉଠନ୍ତି ଦୁଇ ପ୍ରାଣୀ । ଯାହା ହେଉ ଇଏ ଭଗବାନଙ୍କର ବରଦାନ । ଇଏ ଆମର ନାଁ ରଖିବ ।

ଗଡ଼ି ଚାଲେ ସମୟର ଚକ । ବଦଳେ ଦିନ, ମାସ ଆଉ ବର୍ଷ । ସମୟ କ୍ରମେ ବଢିଚାଲେ ଶିବ ପ୍ରସାଦ ।ଅଭାବ ଅନାଟନରେ ନିଷ୍ପେଷିତ ହୁଅନ୍ତି ସଦାନନ୍ଦ ଆଉ ସୁରମା । ହେଲେ ପୂର୍ଣ୍ଣ କରି ଚାଲି ଥାଆନ୍ତି ପୁଅର ପ୍ରତ୍ୟେକ ଇଚ୍ଛାକୁ । ନିଜ ପେଟରୁ କାଟି ପାଠ ପଢାନ୍ତି, ପୁଅକୁ ଡ଼ାକ୍ତର କରିବାକୁ । ଗାଁ ଲୋକମାନେ କହନ୍ତି - "ଆରେ ସଦେଇ ! ନିଜକୁ ଟିକେ ଦେଖ୍ ! ତୋ ସ୍ତ୍ରୀକୁ ଟିକେ ଦେଖ୍ ! ପୁଅକୁ ଡ଼ାକ୍ତର କରିବାକୁ ଯାଇ କ'ଣ ଘର ସହ ନିଜେ ବନ୍ଧା ପଡ଼ିବୁ ! ଆରେ ତୁ ଯେତିକିର ମୁଣ୍ଡ ସେତିକିରେ ରହ ।" ଆଖିରେ ଆଖିଏ ସ୍ୱପ୍ନ ନେଇ ହସି ଦେଇ ସଦାନନ୍ଦ କହନ୍ତି... "ଦେଖିବ.... ମୋ ପୁଅ ଡ଼ାକ୍ତର ହେଲେ ଆମର ଆଉଉ ଏ ଗାଁର ସବୁ ଦୁଃଖ ଉଭେଇ ଯିବ ।" ପୁଅ ଉପରେ ଧୂଳିଟିଏ ପକେଇ ଦିଅନ୍ତି ନାହିଁ ସଦାନନ୍ଦ ଆଉ ସୁରମା । ଘର ବାଡ଼ି ବନ୍ଧା ପକେଇ ଡ଼ାକ୍ତରୀ ପାଠ ପଢାନ୍ତି ସଦାନନ୍ଦ । ସ୍ୱପ୍ନ ତାଙ୍କର ସାକାର ହୁଏ । ପୁଅ ଡ଼ାକ୍ତର ହୋଇ ସ୍ୱେଚ୍ଛାରେ ବିବାହ କରେ ଜଣେ ଡ଼ାକ୍ତରାଣୀକୁ । ପାଶ୍ଚାତ୍ୟ ଢଙ୍ଗ ଢାଙ୍ଗରେ ଆଭୂଷିତା ବୋହୂ ଭୁଲିଯାଏ ତାର ବୋହୂ ପଣିଆକୁ । ଶାଶୁ ଶ୍ୱଶୁରଙ୍କୁ ପ୍ରତି ଥିବା ତାର କର୍ତ୍ତବ୍ୟକୁ । ମଳି ମୁଣ୍ଡିଆ ଶାଶୁ ଶ୍ୱଶୁରଙ୍କ ପ୍ରତି ଦେଖାଏ ଦୁର୍ବ୍ୟବହାର । ଏ ଦୁଇଜଣଙ୍କୁ ପାଖରେ ରଖିଲେ ସମ୍ମାନରେ ଆଞ୍ଚ୍ ଆସିବ । ଏମାନଙ୍କୁ ପାଖରୁ ଦୁରେଇ ଦବା ପାଇଁ, ଡ଼ାକ୍ତରାଣୀ ବୋହୂ ଶିବ ପ୍ରସାଦକୁ ପରାମର୍ଶ ଦିଏ । ସମ୍ମାନ ଆଉ ମିଛ ଅହମିକାରେ ଅନ୍ଧ ହୋଇ ଶିବ ପ୍ରସାଦ ରାଜି ହୁଏ, ତା'ର ସ୍ତ୍ରୀ କଥାରେ, ବାପା ମାଆଙ୍କର ପରିଣତ ବୟସରେ ଆଶାବାଡ଼ି ହେବା ବଦଳରେ ବାସହରା କରେ ଦୁଇଜଣଙ୍କୁ । ଆଖିରେ ଆଖିଏ ଲୁହ, ଛାତିରେ ଛାତିଏ କୋହ ନେଇ ଘରୁ ବାହାରି ଯାଆନ୍ତି ସଦାନନ୍ଦ ଆଉ ସୁରମା । ପୁଅର ସୁଖର ସଂସାର ପାଇଁ ବିନା ପ୍ରତିବାଦରେ ଆଶ୍ରୟସ୍ଥଳୀ ରୂପେ ଆଦରି ନିଅନ୍ତି ବୃଦ୍ଧାଶ୍ରମକୁ । ଚିନ୍ତାରେ ଶଯ୍ୟାଶାୟୀ ହୋଇ ସୁରମା ଚିର ଦିନ ପାଇଁ ଆଖି ବୁଜନ୍ତି । ଏକା ହୋଇ ଯାଆନ୍ତି ସଦାନନ୍ଦ । କାଳର କରାଳ ସ୍ରୋତରେ ଭାସି ଯାଇଛି ତାଙ୍କର ସମସ୍ତ ସ୍ୱପ୍ନ । ହଜିଯାଇଛି ଆଶା ଆଉ ଭରସାର ଅବଲମ୍ବନ ଯଷ୍ଟୀ । ପଡ଼ି ରହିଛି କେବଳ ଅସ୍ଥି କଙ୍କାଳ ସାର ଜୀର୍ଣ୍ଣଶୀର୍ଣ୍ଣ କଳେବର । ଆଖିରୁ ଲୁହ ପୋଛି ଦୀର୍ଘଶ୍ୱାସ ମରେି ସେ ପୁଣି ଫେରି ଆସିଲେ ବାସ୍ତବ ଜଗତକୁ । ସତେ ଯେମିତି ତାଙ୍କର ଅଶ୍ରୁଳ ଚକ୍ଷୁଦ୍ୱୟ କହୁଥିଲା- "ହେ ସନ୍ତାନ ଗଣ ....... ବାପା ମାଆଙ୍କ ପ୍ରତି ଅବିଚାର କରନା । ସେମାନେ ଚଳନ୍ତି ଦେବତା । ସେମାନଙ୍କ ପ୍ରତି ଯଥା ସାଧ କର୍ତ୍ତବ୍ୟ କର । ପରିଣତ ବୟସରେ ସେମାନଙ୍କୁ ବେସହାରା କରନା..... । ବାସହରା କରନା..... । ସେମାନଙ୍କର ଅବଲମ୍ବନ ଯଷ୍ଟୀ ହୋଇ ଦୁନିଆରେ ସୁସନ୍ତାନ ହୁଅ ।"

***

# ରାବଣର ମୃତ୍ୟୁ

ନାମ- ସ୍ୱାତୀଶ୍ରୀ ପାଣିଗ୍ରାହୀ
ଶ୍ରେଣୀ - ୮ମ

ରାଜୁ ତା ପରିବାର ସହିତ ଦଶହରା ବୁଲି ଯାଇଥାଏ । । ବାପା କହିଲେ ଚାଲ ସେପଟେ ରାବଣ ପୋଡ଼ି ଦେଖି ଆସିବା । ସମସ୍ତେ ଖୁସି ହୋଇ ରାବଣ ପୋଡ଼ି ଦେଖିବାକୁ ଗଲେ । ରାଜୁ ସେହି ସମୟରେ ବାପାଙ୍କୁ ପଚାରେ ବାପା ! ରାପଣ ତ ମରି ସାରିଛି । ରାବଣକୁ ତ ଥରେ ପୋଡ଼ା ହେଇଥିବ । କିନ୍ତୁ ଆମେ ପ୍ରତିବର୍ଷ ରାବଣକୁ କାହିଁକି ପୋଡୁଛେ ? ବାପା ମୁରୁକି ହସି ଉତ୍ତର ଦେଲେ ତୁମେ ଏବେ ରାବଣ ପୋଡ଼ି ଦେଖ ମୁଁ ତୁମକୁ ଘରକୁ ଗଲେ ଏହାର ଉତ୍ତର ଦେବି ।

ରାବଣ ପୋଡ଼ି ଦେଖି ସମସ୍ତେ ଖୁସିରେ ଘରକୁ ଫେରିଲେ । ରାଜୁ ଘରେ ପାଦ ନ ଦେଉଣୁ ବାପାଙ୍କୁ ପଚାରି ଉଠିଲା ବାପା ମୋ ପ୍ରଶ୍ନର ଉତ୍ତର ଦିଅ । ପାପା ରାଜୁକୁ କୋଳରେ ବସାଇ କହିଲେ, କାଲି ସକାଳେ ଘରର ସମସ୍ତଙ୍କ ପାଖକୁ ଯାଇ ପ୍ରଶ୍ନ ପଚାରିବ ମୋ ଭିତରେ ଥିବା ଗୋଟିଏ ଖରାପ ଗୁଣ କୁହ । ରାଜୁ କହିଲା ମୋ ଭିତରେ କିଛି ଖରାପ ଗୁଣ ନାହିଁ । ରାଜୁ ମୁହଁ ଫୁଲେଇ କହିଲା ବାପା ମୁଁ ତୁମକୁ ଗୋଟିଏ ପ୍ରଶ୍ନ ପଚାରିଲି ଓ ତୁମେ ମୋତେ ଆଉ ଗୋଟିଏ ପ୍ରଶ୍ନ ସମସ୍ତଙ୍କୁ ପଚାରିବା ପାଇଁ କହିଲ । ହଉ ତୁମେ ଯଦି କହୁଛ ପଚାରିବି । ରାଜୁ ସକାଳୁ ଶୀଘ୍ର ଉଠି ସମସ୍ତଙ୍କୁ ବାପା କହିଥିବା ପ୍ରଶ୍ନଟି ପଚାରିଲା । ଜେଜେ କହିଲେ ତୁତୋ ନିଜ ଜିନିଷ ସଜାଡ଼ି କରି ରଖୁନାହୁଁ, ଜେଜେ ମା' କହିଲେ ବହୁତ ମୋବାଇଲ୍ ଫୋନ୍ ଦେଖୁଛୁ । ଏହିପରି କିଏ କହିଲେ ଅନ୍ୟର ଜିନିଷ ଦେଖି ଜିଦ୍ କରୁଛୁ । ଏହିପରି ଅନେକ ଖରାପ ଗୁଣ ସମସ୍ତେ ରାଜୁକୁ କହିଲେ । ସେ ମନଦୁଃଖରେ ବାପାଙ୍କୁ ଜଣାଇଲା । ବାପା କହିଲେ ମନଦୁଃଖ କରନାହିଁ । ଏବେ ତୁମ ପ୍ରଶ୍ନର ଉତ୍ତର ଶୁଣ । ରାବଣ ବହୁତ ବିଦ୍ୱାନ ଥିଲା । କିନ୍ତୁ ତା'ଭିତରେ ଅନେକ ଖରାପ ଗୁଣ ମଧ ଥିଲା । ତେଣୁ ଶ୍ରୀ ରାମଙ୍କ ହାତରେ ବଧ ହୋଇଥିଲା । ଆମେ ପ୍ରତିବର୍ଷ ରାବଣକୁ ପୋଡ଼ି ଆମ ଭିତରେ ଥିବା ଖରାପ ଗୁଣକୁ ଦୂର କରିବା ଉଚିତ୍ ଓ ନିଜକୁ ଭଲ ମଣିଷ କରି ଗଢ଼ିବା ଉଚିତ୍ । ଆମେ ପ୍ରତିବର୍ଷ ରାବଣକୁ ପୋଡ଼ି ଆମ ଭିତରେ ଥିବା ଖରାପ ଗୁଣକୁ ମଧ ପୋଡୁଛେ । ରାଜୁ ଖୁସି ହୋଇ କହିଲା ହଉ ବାପା ମୁଁ ମୋ ଭିତରେ ଥିବା ସମସ୍ତ ଖରାପ ଗୁଣକୁ ଦୂର ନିଶ୍ଚିନ୍ତ କରିବି ।

**ଶିକ୍ଷା :- ଏହି ଗଳ୍ପରୁ ଆମେ ଏହା ଶିକ୍ଷା କରୁ ଆମକୁ ଆମ ଭିତରେ ଥିବା ରାବଣ ଅର୍ଥାତ୍ ଖରାପ ଗୁଣକୁ ତ୍ୟାଗ କରି ଭଲ ଗୁଣକୁ ଆପଣେଇବା ଓ ଭଲ ମଣିଷ ହେବା ।**

***

# ସମୁଚିତ ଶିକ୍ଷା

ନାମ- ସାଇକୃପା ସାହୁ
ଶ୍ରେଣୀ - ୮ମ

ଗୋଟିଏ ରାଜ୍ୟର ରାଜକୁମାର ଅତ୍ୟନ୍ତ ଗର୍ବୀ, ଅହଂକାରୀ ଥିଲା । ସେ ତା'ର ଅଶ୍ୱ ଚାଳନାକୁ ନେଇ ବହୁତ ଗବର ଓ ଅହଂକାର କରୁଥିଲା । ସେ ରାଜ୍ୟରେ ଏପରି କୌଣସି ବ୍ୟକ୍ତି ନ ଥିଲେ ଯିଏ ରାଜ କୁମାରଙ୍କୁ ଅଶ୍ୱଚାଳନାରେ ହରାଇ ପାରିବ । ଏଥିପାଇଁ ରାଜକୁମାରଙ୍କ ଅହଂକାର ଦିନକୁ ଦିନ ବୃଦ୍ଧି ପାଉଥିଲା । ସେ ନିଜକୁ ବଳଶାଳୀ ଭାବୁଥିଲେ । ସେ ନିଜ ସେନାପତି ଙ୍କୁ ଅଶ୍ୱଚାଳନାର ପ୍ରତିଯୋଗିତା ଆୟୋଜନ କରିବାକୁ ଉପଦେଶ ଦେଇଥିଲେ । କାରଣ ସେ ଜାଣିଥିଲେ ଯେ ପ୍ରତିଯୋଗିତାରେ ହାରିବା ଲୋକ ଜିତିଥିବା ଲୋକର ସର୍ତ୍ତ ମାନି ଥାଏ ।

ପ୍ରତିଯୋଗିତା ଦିନ ପ୍ରତିଯୋଗିତା ମହଲରେ ରାଜ୍ୟର ସବୁ ଲୋକ ପ୍ରତିଯୋଗିତା ଦେଖିବା ପାଇଁ ବସି ରହିଲେ କିନ୍ତୁ କେହି ମଧ ପ୍ରତିଯୋଗିତା କରିବା ପାଇଁ ଆସିଲେ ନାହିଁ । ସମସ୍ତେ ଜାଣିଥିଲେ କେହି କେବେ ରାଜକୁମାରଙ୍କୁ ହରାଇ ପାରିବେନି । ରାଜକୁମାର ଅତ୍ୟନ୍ତ ଖୁସି ଅନୁଭବ କରୁଥିଲେ । ହଠାତ୍ ରାଜ୍ୟର ଗୋଟିଏ ଛୋଟ ଗ୍ରାମରେ ଜୀବନ ଯାପନ କରୁଥିବା ଗୋଟିଏ ୧୪ ବର୍ଷର ନାବାଳକ ପ୍ରତିଯୋଗିତାରେ ଭାଗ ନେବାକୁ ଆସିଲା । ତେଣୁ ସେନାପତି ସେ ପିଲାଟିକୁ ପଚାରିଲେ ଯେ, " ଏ କିପରି ସମ୍ଭବ ! ତୁମେ ଜଣେ ନାବାଳକ, ତୁମେ କିପରି ପ୍ରତିଯୋଗିତାରେ ଭାଗ ନେବ ?" ନାବାଳକଟି କହିଲା - "ସେନାପତି ! ଆଜ୍ଞା ମୁଁ ଜାଣିଛି, କିନ୍ତୁ ମୁଁ ମୋର ଯୋଗ୍ୟ ତା ପରୀକ୍ଷା କରିବାକୁ ଓ ରାଜ୍ୟ ବାସୀଙ୍କୁ ଦେଖାଇବାକୁ ଆସିଛି ।" ହଠାତ୍ ରାଜକୁମାର ହସିବାକୁ ଲାଗିଲେ ଓ ପ୍ରତିଯୋଗୀତା ଆରମ୍ଭ ହେଲା । ରାଜ୍ୟ ବାସୀ ଏହା ଦେଖି ହଠାତ୍ ଆଶ୍ଚର୍ଯ୍ୟ ଚକିତ ହେଲେ କାରଣ, ପ୍ରତିଯୋଗୀତାର ଶେଷରେ ରାଜ କୁମାର ନୁହେଁ ବରଂ ୧୪ବର୍ଷର ନାବାଳକ ପିଲାଟି ଜିତିଲା । ରାଜକୁମାର ମଧ ଲଜ୍ଜା ଅନୁଭବ କଲେ ଓ କହିଲେ - "ଏହା କିପରି ! ମୁଁ କିପରି ଜଣେ ନାବାଳକ ଠାରୁ ହାରିପାରିବି ।" ପରେ ସେ ବୁଝି ପାରିଲେ ଯେ ତାଙ୍କ ଠାରୁ ମଧ କେହି ବଳଶାଳୀ ଏ ରାଜ୍ୟରେ ଅଛନ୍ତି । ସେ ନିଜ ଭୁଲ ପାଇଁ ସମସ୍ତଙ୍କ ପାଖରେ କ୍ଷମା ପାର୍ଥନା କଲେ ଓ ପିଲାଟି ଠାରୁ ସର୍ତ୍ତ ମାଗିବାରୁ ପିଲାଟି କହିଲା - "ରାଜକୁମାର କ୍ଷମା ! ମୁଁ ଜାଣି ଜାଣି ଆପଣଙ୍କୁ ହରାଇଲି ।" ମୁଁ ଆପଣଙ୍କ ଭୁଲ ଆପଣଙ୍କୁ ଜଣାଇବାକୁ ଚାହୁଁଥିଲି । ତେଣୁ ମୋତେ କ୍ଷମା କରନ୍ତୁ ! ରାଜ କୁମାର କହିଲେ - "ଧନ୍ୟବାଦ ମିତ୍ର ! ମତେ ମୋର ଭୁଲ ଜଣାଇଥିବାରୁ ଓ ସେବେଠୁ ସେ ଦୁହେଁ ମିତ୍ର ହେଲେ, ରାଜକୁମାରଙ୍କ ଅହଂକାର ଓ ଗର୍ବ ମଧ ଭାଙ୍ଗିଗଲା ।

**ଶିକ୍ଷା :-** ଆମେ ଏଥିରୁ ଶିକ୍ଷିଲୁ ଯେ ଆମେ ନିଜର କର୍ମକୁ ନେଇ ଗର୍ବ କିମ୍ବା ଅହଂକାର କରିବା ଉଚିତ ନୁହେଁ । କାରଣ ଆମଠାରୁ ଅଧିକ କର୍ମ କରୁଥିବା ବ୍ୟକ୍ତି ଆମ ଆଖ ପାଖରେ ନିଶ୍ଚିତ ଥିବେ । ଆମେ କେବେ ବି କାହାର କର୍ମକୁ ନେଇ ନିଚ ଭାବିବା ଉଚିତ୍ ନୁହେଁ । ଏବଂ ଆମେ ଆମର କର୍ମକୁ ନେଇ ଗର୍ବ କରିବା ମଧ ଉଚିତ୍ ନୁହେଁ । ଗର୍ବ ଓ ଅହଂକାର କଲେ ଅନ୍ୟ କାହାର କ୍ଷତି ହେବ ନାହିଁ, କିନ୍ତୁ ଆମେ ଆମର କ୍ଷତି କରିଥାଉ ।

***

# ହେ ଆତ୍ମୀୟ ସ୍ୱଜନ, ବନ୍ଧୁପ୍ରିୟଜନ.......

ନାମ- ଦେବାନନ୍ଦ ଦାସ
(ଆଚାର୍ଯ୍ୟ)

ଈଶ୍ୱରଙ୍କ ସଂସାରରେ ଅନେକ ପ୍ରାଣୀ ଅଛନ୍ତି । ସେଥିମଧ୍ୟରୁ ମଣିଷ ଅନ୍ୟତମ । ମଣିଷ ଈଶ୍ୱରଙ୍କ ସୃଷ୍ଟିରେ ଶ୍ରେଷ୍ଠ ପ୍ରାଣୀ, କାହିଁକିନା ତାର ଏକ ସୁନ୍ଦର ପରିବାର ଅଛି । ପରିବାର ସଦସ୍ୟଙ୍କ ମଧ୍ୟରୁ ସୁ ସମ୍ପର୍କ ରଖି ବାସ କରେ । ତାର ପରିବାର ସଦସ୍ୟଙ୍କୁ ଜନ୍ମରୁ ମୃତ୍ୟୁ ଯାଏ ଚିହ୍ନିପାରେ । ପରିବାର ଛଡ଼ା ଆହୁରି ଅନେକ ଲୋକଙ୍କ ସହିତ ସୁ ସମ୍ପର୍କ ଗଢେ, ସେଥିପାଇଁ ଅନ୍ୟ ଜୀବଙ୍କ ପରି ସେ ନୁହେଁ । ଅନ୍ୟ ପ୍ରାଣୀମାନେ ଜନ୍ମର କିଛି ଦିନ ପରେ ନିଜର ଆତ୍ମୀୟ ମାନଙ୍କୁ ଚିହ୍ନିପାରେ ନାହିଁ । ତାଙ୍କ ସହ କଳି କରେ, ଝଗଡ଼ା କରେ ନିଜ ପରିବାର ସହ ନ ରହି ଅଲଗା ବାସ କରେ । ସେହି କାରଣରୁ ସେମାନଙ୍କୁ ପଶୁ କୁହାଯାଏ । ଭାଗବତରେ ସୁନ୍ଦର କଥାଟିଏ ଲେଖାଅଛି- **"ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ, ଦେଖି ସନ୍ତୋଷ ଭଗବାନ"** । ଭଗବାନ୍ ସମସ୍ତ ଜୀବମାନଙ୍କୁ ସୃଷ୍ଟି କଲାପରେ ମନୁଷ୍ୟମାନଙ୍କୁ ସୃଷ୍ଟି କଲେ । ଏହାର କାରଣ ମଣିଷ ଠାରେ ,ଏକ ସୁନ୍ଦର ବୁଦ୍ଧି, ବିବେକ, ମନ, ଭାବନା ଓ ସୁସଂସ୍କୃତି ଭରି ରହିଛି । ଏହାକୁ ସେ ପ୍ରୟୋଗ କରି ସମାଜରେ ସୁଖୀ ପ୍ରାଣୀ ଭାବରେ ବାସ କରେ । ସାମାଜୀକ ପ୍ରାଣୀ ହିସାବରେସେ ଅନେକ ଗୁଡ଼ିଏ ହିତକର କାର୍ଯ୍ୟ କରିଥାଏ ।

ବେଳେ ବେଳେ ଭାବନା, ବୁଦ୍ଧି, ମନ, ବିବେକ, ସଂସ୍କୃତି ମଣିଷ ଠାରୁ ଦୂରେଇ ଯାଏ । ସେ ହୋଇଯାଏ ପଶୁ । ପଶୁମାନଙ୍କ ସହ ସମାନ ହୋଇଯାଏ , ହୋଇଯାଏ ସ୍ୱାର୍ଥପର । ନିଜ ଆତ୍ମୀୟ ସ୍ୱଜନ ଠାରୁ ଦୂରେଇ ଯାଏ । ଭୁଲି ଯାଏ ରକ୍ତର ସମ୍ପର୍କ । ଆତ୍ମୀୟ ମାନଙ୍କୁ ଘୃଣା କରେ । ଧନ ସମ୍ପତିର ମୋହ ମାୟାରେ ନିଜକୁ ପ୍ରତିଷ୍ଠା କରେ । ନିଜ ସମକକ୍ଷ ଲୋକ ମାନଙ୍କ ସହ ବନ୍ଧୁତା କରେ । ଭୁଲିଯାଏ ନିଜ ଲୋକଙ୍କୁ । ଏହି ହେଲା ଭଗବାନଙ୍କ ସଂସାରରେ ଏକ ଆଶ୍ଚର୍ଯ୍ୟ କଥା । ଏହି ଆଶ୍ଚର୍ଯ୍ୟ କଥା କିଛି ଲୋକଙ୍କୁ କଷ୍ଟ ଦେଇଥାଏ । ଭାବନାରେ ଦୁଃଖ ଆଣି ଦେଇଥାଏ । ସେହି ଲୋକଟି ଭୁଲି ପାରେ ନାହିଁ ନିବିଡ଼ ସମ୍ପର୍କକୁ । ଗୁମୁରି ଗୁମୁରି କାନ୍ଦି ଉଠେ । ମନେ ମନେ ଭାବି ନିଏ ନାଁ ମୋର କେହି ନାହିଁ । କେବଳ ଈଶ୍ୱର ମୋ ପାଖରେ ଅଛନ୍ତି ସେହି ମଣିଷଟି ଈଶ୍ୱରଙ୍କୁ ଆଶ୍ରା କରି ବଂଚି ରହେ ।

ଆଜିର ଇଂଟରନେଟ୍ ଦୁନିଆଁରେ ମଣିଷ ନିଜକୁ ହଜାଇ ଦେଇଛି । ଇଂଟରନେଟ୍ ଫାଶରେ ପଡ଼ି ନିଜର ବାପା, ମାଆ, ଭାଇ ବନ୍ଧୁ କୁଟୁମ୍ବ ସମସ୍ତଙ୍କୁ ଭୁଲି ଅର୍ଥ ପଛରେ ଗୋଡ଼ାଉଛି । କିନ୍ତୁ ସେ ଜାଣିନି ଯେ, ଯେଉଁଠି ଅର୍ଥ ଅଛି ସେଇଠି ଅନର୍ଥ ଅଛି । ଯେଉଁଠି ଆଲୋକ ଅଛି ସେଇଠି ଅନ୍ଧାର ମଧ୍ୟ ଅଛି । ଯେଉଁଠି ସୁଖ ଅଛି ସେଇଠି ଦୁଃଖ ଅଛି । ଶେଷରେ ଯେଉଁଠି ଦୁଃଖ ଅଛି ସେଠି ଯନ୍ତ୍ରଣା ଅଛି । ଯନ୍ତ୍ରଣାରେ ଛଟପଟ ହୋଇ ମଣିଷ ଶେଷରେ ମରିଯାଏ ସିନା ସୁଖ ପାଇ ପାରେ ନାହିଁ । କାହିଁକି ଏ ଗର୍ବ ଅହଂକାର ମଣିଷର କଣ ଦୁଃଖ ଯନ୍ତ୍ରଣା ଭୋଗ କରିବା ପାଇଁ ? ଆଜିର ମଣିଷ କ'ଣ ସେଇଆ ଚାହେଁ । ଦୁଃଖକୁ ଆଦରି ନେଇ ସୁଖକୁ ଦୁରେଇ ଦେବା ପାଇଁ । ଜାଣି ଜାଣି ସେ ଆଲୋକରୁ ଅନ୍ଧାରକୁ ଚାଲି ଯାଉଛି । ଏହା ସେ କରୁଛି ବୋଲି ଜାଣି ପାରୁ ନାହିଁ । ଜାଣିଲା ବେଳକୁ ନେଡ଼ିରେ ଥିବା ଗୁଡ଼ କହୁଣୀକୁ ବୋହି ଯାଇଥିବ । ଆଉ ତା ଆୟତରେ ନ ଥିବ । ଏହି ହେଲା ସଂସାରର ବାସ୍ତବ ଚିତ୍ର । ଏହାକୁ ମାୟା ସଂସାର କୁହାଯାଏ । ଯାହାଠାରେ ମାୟା ଅଧିକ ଥିବ ସେ ଯନ୍ତ୍ରଣାରେ ଖାଲି ଛଟପଟ ହୁଏ । ମଣିଷ ଜନ୍ମ ବେଳେ କାହାଠାରୁ ଆସି ପୃଥିବୀରେ ପାଦ ଦେଲା ଓ ମୃତ୍ୟୁପରେ ପୁଣି କୁଆଡ଼େ ଯିବ ତାହା ଜାଣିପାରେ ନାହିଁ । ପୃଥିବୀରେ ଯେତିକି ଦିନ ରହିଥିବ ମୋର ମୋର କହି ମାୟା ଜାଲରେ ଘାଂଟି ହେଉଥିବ । ମୃତ୍ୟୁପରେ....... ? ହଁ ସତରେ ତ ମୃତ୍ୟୁପରେ ଆମେ ଅର୍ଥାତ୍ ପ୍ରିୟଜନମାନଙ୍କୁ ସାଙ୍ଗରେ ନେଇଯିବା ନା, ଆତ୍ମୀୟମାନେ ଆମକୁ ସାଙ୍ଗରେ ନେଇଯିବେ । ଏମାନେ ସମସ୍ତେ ସ୍ୱାର୍ଥପର । ଗଲାବେଳେ ଡ଼ାକିବେ ନାହିଁ । ଏକାକୀ ଚାଲିଯିବେ । ହଁ ସତରେ ଏମାନେ କି ସ୍ୱାର୍ଥ ପର । ଗଲାବେଳେ କହିଗଲେ ନାହିଁ କୁଆଡ଼େ ଯାଉଛି ବୋଲି । ତାହେଲେ କାହିଁକି ଏମାନଙ୍କ ସହ ଦୀର୍ଘ ଦିନର ସମ୍ପର୍କ ? ବାହାରି ଆସ ମାୟା ବନ୍ଧନରୁ ଦୂରେଇ ଯାଅ ଏମାନଙ୍କ ଠାରୁ । ଭୁଲିଯାଅ ରକ୍ତ ସମ୍ପର୍କକୁ । ତାହେଲେ ତୁମର ଲକ୍ଷ୍ୟ ପୂରଣ ହେବ । ତୁମେ ହିଁ ପ୍ରକୃତ ମଣିଷ ପଦବାଚ୍ୟ ହେବ । ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କର ମୋହ ସୃଷ୍ଟି ହେଲା । ନିଜର ଭାଇ, ବନ୍ଧୁ, କୁଟୁମ୍ବଙ୍କ ସହ ତାଙ୍କୁ ଯୁଦ୍ଧ କରିବାକୁ ହେବ । ତାଙ୍କୁ ଜଣାଥିଲା, ଏହି ଯୁଦ୍ଧରେ ହୁଏ ତ ମୁଁ ମରିବି କିମ୍ୱା ସେମାନେ ମରିବେ । ସେମାନଙ୍କୁ ଯୁଦ୍ଧରେ ମାରିଲେ ମୋତେ ପାପ ଲାଗିବ । ଭଗବାନ୍ ଅର୍ଜୁନଙ୍କୁ ବୁଝାଇଲେ ଶରୀର ନଷ୍ଟ ହୁଏ ସତ, ଆତ୍ମାର ବିନଷ୍ଟ ହୁଏ ନାହିଁ । ଏହି ଲୋକମାନେ ତୁମର ଆତ୍ମୀୟ, ରକ୍ତ ସମ୍ପର୍କୀୟ ଏହାର ପ୍ରମାଣ କ'ଣ ଅଛି ? ଆମ୍ଭେମାନେ ତୁମର ରକ୍ତ ସମ୍ପକୀୟ ଭାଇ ଏହାର ପ୍ରମାଣ କ'ଣ ଅଛି ? ମୃତ୍ୟୁ ପରେ ଆତ୍ମା କୁଆଡ଼େ ଯାଏ ? କେହି ଚିହ୍ନିପାରିବେ ଏ ମୋର ଭାଇ ବନ୍ଧୁ କୁଟୁମ୍ବ ବୋଲି ? ତା ହେଲେ ମଣିଷର ଏତେ ଗର୍ବ ଅହଂକାର କ'ଣ ପାଇଁ ।

ହେ ବନ୍ଧୁ ପ୍ରିୟଜନ ଆପଣମାନେ ଏକାଗ୍ର ଚିତରେ ଏସବୁ ବିଷୟ ପାଠ କରିଲ ତ ? ହେ ଆତ୍ମୀୟ ସ୍ୱଜନ ଆପଣଙ୍କ ଅଜ୍ଞାନରୁ ଜାତ ମୋହ ନଷ୍ଟ ହେଲା ତ ? ସବୁ ମାୟା ଭୁଲି ଯାଇ ଈଶ୍ୱରଙ୍କ ଶରଣା ପନ୍ନ ହୁଅ । ତାଙ୍କର ଶରଣପଶି ତାଙ୍କର କୃପା ଲାଭ କରିବାକୁ ଯତ୍ନବାନ୍ ହୁଅ । ସେ ହିଁ ଆମର ଗତି ମୁକ୍ତି, ପ୍ରଭୁ, ଶରଣ ଓ ସୁହୃଦ୍ । ତାଙ୍କ କୃପା ବିନା ମୁକ୍ତି ଲାଭ ଅସମ୍ଭବ । ସଂଶାରରେ ଥାଇ ସଂସାର ବନ୍ଧନରୁ ମୁକ୍ତ ହୁଅ ।

ଲେଖକ ସବୁବେଳେ ନିଜକୁ ଛୋଟ ମନେ କରିଥାଏ । ପାଠକ ସବୁବେଳେ ଉର୍ଦ୍ଧ୍ୱରେ ଥାଏ । ହେ ପାଠକ ବନ୍ଧୁ ଗଣ ଲେଖାଟିକୁ ପଢି ଲେଖକଙ୍କୁ କ୍ଷମା କରିବେ ବୋଲି ଆଶା ଓ ବିଶ୍ୱାସ ।

***

# କବିଙ୍କ କଲମରୁ ପଦେ

ନାମ- ଶ୍ୟାମଳ ରଞ୍ଜନ ସାମନ୍ତରାୟ
(ଆଚାର୍ଯ୍ୟ)

୧. ସତ୍ୟବାଦୀ ହୋଇ କ୍ଷଣେ ବଞ୍ଚିଥିଲେ
ଯୁଗେ ବଞ୍ଚିଥିବା ପରି ।
ତୋଷାମୋଦୀ ହୋଇ ଅମର ହେଲେ ହେଁ
ମରିଯିବା ସଙ୍ଗେ ସରି ।
**(କବିବର ରାଧାନାଥ ରାୟ)**

୨. ସୁଖଦୁଃଖ ଚିର ନୁହଁନ୍ତି ଜଗତେ
ସଭିଙ୍କର ଅଛି କ୍ଷୟ
ଆଜି ଯା ବଦନ ହରଷରେ ପୂର୍ଣ୍ଣ
କାଲିକି ବିଷାଦମୟ ।
**(ସ୍ୱଭାବ କବି ଗଙ୍ଗାଧର ମେହେର)**

୩. ସଂସାରେ ନାହିଁ ନାହିଁ ଶାଶ୍ୱତ ସୁଖ
ନୁହେଁ ପ୍ରାଣୀର ଲକ୍ଷ ସୁଖ କି ଦୁଃଖ
ଦୁଃଖ ସୁଖ ମଧରେ କର୍ତ୍ତବ୍ୟ କର୍ମ
ସାଧିବା ମାନବର ଶାଶ୍ୱତ ଧର୍ମ ।
**(ପଲ୍ଲି କବି ନନ୍ଦ କିଶୋର ବଳ)**

୪. ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟ ଡ଼ୋରି
ନିଜ ଭାଗ୍ୟ ଡ଼ୋରି କାଳେ ହସ୍ତେ ବନ୍ଧା
ପକାନ୍ତି ହେଲେ ପାଶୋରି ।
**(କବିବର ରାଧାନାଥ ରାୟ)**

୫. ଫଳ ଭାରେ ଅବନତ ଯଥା ତରୁଗଣ
ଜଳା ଭାରେ ଅବନତ ନୀରଦ ଯେସନ
ନାନା ଗୁଣେ ସେହିପରି ନମ୍ର ସାଧୁଜନେ
ଐଶ୍ୱର୍ଯ୍ୟରେ ମଧ ଗର୍ବ ନ ବହନ୍ତି ମନେ ।
**(ଭକ୍ତକବି ମଧୁସୂଦନ ରାଓ)**

୬. ମାତୃଭୂମି ପ୍ରତି ରଖେ ଯେ ମମତା
ନର ନୋହେ ସେହୁ ସ୍ୱର୍ଗର ଦେବତା
ମାତା ମାତୃଭାଷା ମାତୃଭୂମି ତିନି
ସ୍ୱର୍ଗୁ ଗରୀୟସୀ ତ୍ରୈବର୍ଗ ନାୟିନୀ
**(କବି ଶେଖର ଚିନ୍ତାମଣି ମହାନ୍ତି)**

୭. ତରୁ କେବେ ନିଜ ଫଳ ନ କରେ ଭକ୍ଷଣ
ନଦୀ କେବେ ନିଜ ଜଳ ନ କରେ ସେବନ
ସାଧୁଜନେ ସେହିମତି ନିଜ ଶ୍ରମଫଳ
ବିତରି ଅପରେ ଧନ୍ୟ ହୋନ୍ତି କାଳ କାଳ ।
**(ସ୍ୱଭାବ କବି ଗଙ୍ଗାଧର ମେହେର)**

୮. ମୁହୂର୍ତ୍ତେ ମାତର ଉଜ୍ଜ୍ୱଳ ପ୍ରଖର
ଶିଖାଟେକି ହୁତାଶନ
ଜଳି ଯେବେ କରେ ଆଲୋକ ଉତ୍ତାପ
ଚଉଦିଗେ ବିତରଣ
ଲିଭୁ ସେ କ୍ଷଣକେ ତଥାପି ଏ ଲୋକେ
ରହେ ତା ଆଦର ଯଶ
କି ଲାଭ ତହିଁରେ ରହେ ଯେ ମହୀରେ
କୁହୁଳି ସହସ୍ର ବର୍ଷ ।
**(ଉତ୍କଳମଣି ଗୋପବନ୍ଧୁ ଦାସ)**

୯. ନିଜେ ଜଳିଯିବା ସଳିତା ପରିକା
ଆଲୋକ ଯେ ଦେବା ପାଇଁ
ଅନ୍ଧକାର ଦୂର କରିବା ସମାଜୁ
ଏ ଧରାରେ ଜନ୍ମ ପାଇ ।।
**(ବ୍ୟାସକବି ଫକୀର ମୋହନ ସେନାପତି)**

୧୦. ଥାଉ ତାର ନାମ ଥାଉ ଉଚ୍ଚପଦ ।
ଥାଉ ତାର ପଛେ ଅତୁଳ ସମ୍ପଦ
ସବୁ ଅକାରଣ ସବୁ ବୃଥା ସିନା
ନ ବାଜିଲେ ହୃଦେ ଦେଶ ପ୍ରୀତି ବୀଣା ।।
**(ରାଧା ମୋହନ ଗଡ଼ନାୟକ)**

୧୧. ଏ ସଂସାର ଅଟେ ମହା ଶିକ୍ଷା ଭୂମି
ତ୍ୟାଗ ମହାନ ସାଧନ
ଇତର ପରାଣୀ ସମ ନର ହେଲେ
ଜନମ ତା ଅକାରଣ ।।
**(ପଲ୍ଲୀକବି ନନ୍ଦ କିଶୋର ବଳ)**

୧୧. ଯେ ଲୋକ ମନରେ ପୋଷେ ଗୁରୁ ଗଉରବ ।
ସେ ଗରବେ ଜ୍ଞାନ ତା'ର ହୁଅଇ ଖରବ ।
ନିଜକୁ ଯେ ନିରନ୍ତର ଶିଷ୍ୟ ରୂପେ ଗଣେ
ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧେ ଜଣେ ।।
**(ସ୍ୱଭାବ କବି ଗଙ୍ଗାଧର ମେହେର)**

୧୨. ଶତ ଅପମାନ ଲାଜ ବୋହି ବୋହି
ନ ହୁଅ ନ ହୁଅ କ୍ଷୀଣ
ଚାଲ ସାହାସରେ ଆଗୁଆର ହୋଇ
**ପଡୁ ପଛେ ପଦ ଚିହ୍ନ ।**

୧୩. ଜୀବନର ପଥ କଠିନ ହେଲେ ବି
ଆମେ ରେ ଆଗେଇ ଯିବା
ଆସୁ ଯେତେ ବାଧା ମୋହ ବନ୍ଧନ
ପାଦରେ ଆଡ଼େଇ ଦବା

୧୪. ପୁଣ୍ୟ ଜନ୍ମଭୂମି ପୁଣ୍ୟ ଦେବାଳୟ
ଉଦ୍ଧରିବା ଲାଗି କଲେ ତନୁ କ୍ଷୟ
ମାନବ ଜୀବନ ହୁଅଇ ସଫଳ
ଏ ମହା ଦୀକ୍ଷା ବୁଝିବ କି ଉତ୍କଳ
**(ଉତ୍କଳମଣି ଗୋପବନ୍ଧୁ ଦାସ)**

***

## ରାଜାଙ୍କ ରକ୍ଷକ

ନାମ- ଜୟଶ୍ରୀ ସ୍ୱାଇଁ
ଶ୍ରେଣୀ - ୯ମ

ଜଣେ ବ୍ୟକ୍ତି ଏକ କୁଳୀନ ଓ ପ୍ରତିପତ୍ତିଶାଳୀ ପରିବାରରେ ଜନ୍ମ ନେଇଥିଲେ ବି ଭାଗ୍ୟ ଓ ପରିସ୍ଥିତିର ତାଡ଼ନାରେ ଏମିତି ଦୁଃସ୍ଥିତିରେ ପଡ଼ିଲେ ଯେ, ଉପାର୍ଜନ ଲାଗି ରାଜାଙ୍କ ଘୋଡ଼ା ଶାଳରେ କାମ କରିବାକୁ ବାଧ ହେଲେ । ଏକଥା ତାଙ୍କ ପତ୍ନୀ ଏବଂ ପିଲାମାନଙ୍କୁ ବହୁତ ବାଧୁଥିଲା । ଦିନେ ରାଜା ଛଦ୍ମ ବେଶରେ ବାହାରକୁ ବୁଲିବାକୁ ଯାଇଥିଲେ । ଦୈବାତ୍ ସେ ସେଇ ବ୍ୟକ୍ତିଙ୍କ ଘର ପାଖରେ ପହଞ୍ଚିଗଲେ ।

ଘର ଭିତରେ ଚାଲୁଥିବା କଥାବାର୍ତ୍ତା ରାଜାଙ୍କୁ ଶୁଣାଯାଉଥିଲା । ରାଜା ଶୁଣିଲେ ସେଇ ବ୍ୟକ୍ତିଙ୍କ ପୁଅ ମନଦୁଃଖରେ କହୁଛି - ବାପା, ତୁମକୁ ଆଉ କିଛି କାମ ମିଳିଲା ନାହିଁ ଯେ ତୁମେ ଶେଷରେ ଏହି କାମ କଲ ? ଏବେ ମୋ ବନ୍ଧୁମାନେ ପଚାରିଲେ ମୁଁ କ'ଣ କହିବି ? ବ୍ୟକ୍ତି ଜଣକ କହିଲେ - ପୁଅ, କୌଣସି କାମ ବଡ଼ ବା ଛୋଟ ନୁହେଁ । ବଡ଼ କଥା ହେଲା ତୁମେ ଯେଉଁ କାମ କରୁଛ ସେଇ କାମରେ ନିଷ୍ଠା ଓ ଶ୍ରଦ୍ଧା ପ୍ରକଟ କରିବା । ମୁଁ ନିଷ୍ଠାପର ଭାବେ କାମ କରୁଥିବାରୁ ମୋତେ କିଛି ଖରାପ ଲାଗୁ ନାହିଁ । ଆଉ ତୋର ବନ୍ଧୁମାନଙ୍କୁ ଯଦି ମୋ ଚାକିରିର ଦାୟିତ୍ୱ ବିଷୟରେ କିଛି କହିବାର ଅଛି ତେବେ କହିବୁ ମୋ ବାପା ହେଉଛନ୍ତି ରାଜାଙ୍କ ରକ୍ଷକ । ପୁଅ କହିଲା - ରାଜାଙ୍କ ରକ୍ଷକ ?

ସେ ବ୍ୟକ୍ତି କହିଲେ - ହଁ ମୁଁ ରାଜାଙ୍କ ଘୋଡ଼ାଶାଳରେ କାମ କଲା ବେଳେ ରାଜାଙ୍କ ଘୋଡ଼ାର ବିଶେଷତ୍ତ୍ୱେ ନିଏ । କାରଣ ରାଜା ସେଇ ଘୋଡ଼ାରେ ସର୍ବଦା ବସନ୍ତି । ଷଘାଡ଼ାର କିଛି ଅସୁବିଧା ହେଲେ ରାଜାଙ୍କର ହିଁ କ୍ଷତି ହେବ, ତେଣୁ ମୋ କାମ ଛୋଟ ହେଇପାରେ, କିନ୍ତୁ ମୁଁ ବି ରାଜାଙ୍କର ରକ୍ଷାକର୍ତ୍ତାମାନଙ୍କ ଭିତରୁ ଜଣେ ।

ରାଜା ଏବେ ବୁଝିପାରିଲେ ଯେ ସେ ବ୍ୟକ୍ତି ସାଧାରଣ ନୁହଁନ୍ତି ଏବଂ କୌଣସି ପ୍ରକାର ଛୋଟ କାମ ତାକୁ ଛୋଟ କରିପାରିବ ନାହିଁ । କହିବାକୁ ଗଲେ, ସେହି ବ୍ୟକ୍ତି ହିଁ ହଉଛନ୍ତି ରାଜାଙ୍କର ଏକ ନିଷ୍ଠାପର ରକ୍ଷକ ଏବଂ ରାଜାଙ୍କ ସୁଚିନ୍ତକ ।

***

## ଆତ୍ମଜ୍ଞାନ(ଜ୍ଞାନ, ଧନ ଓ ଯୌବନ)

ନାମ- ନିର୍ମଳ ଚନ୍ଦ୍ର ମିଶ୍ର
(ଆଚାର୍ଯ୍ୟ)

ମନୁଷ୍ୟ ତା'ର ଜୀବନ କାଳ ମଧ୍ୟରେ ତିନୋଟି କଥା ବିତାଇ ଥାଏ । ଜ୍ଞାନକୁ ଉପଲବ୍ଧ କରି ଅର୍ଜନ କରିଥାଏ । ଧନକୁ ଉପଭୋଗ କରେ । ଯୌବନକୁ ବିତାଇ ଥାଏ । ଏହି ତିନୋଟି ଜିନିଷ ମଧ୍ୟରୁ ଜ୍ଞାନ ଶ୍ରେଷ୍ଠ ଅଟେ । ଏହାକୁ ଧରି ରଖି ପାରିଲେ ଏହା ଚିରସ୍ଥାୟୀ ଅଟେ । ଧନକୁ ସବୁଦିନ ପାଇଁ ରଖି ହୁଏ ନାହିଁ । ଅର୍ଥାତ୍ ଧନ ଅଧିକ ଥିଲେ ଚୋରିର ଭୟ ଥାଏ । ଚୋରି ଡ଼କାୟତ ହେଲେ ଜୀବନ ମଧ ଚାଲି ଯାଇପାରେ । ସେହିପରି ଯୁବାବସ୍ଥା ଅର୍ଥାତ୍ ଯୌବନରେ ମନୁଷ୍ୟ ଶରୀର ଚଳ ଚଞ୍ଚଳ ଥାଏ । ସେ ଅଧିକ ବଳବାନ ଦେଖାଇ ହୁଏ । କିନ୍ତୁ ସେ ଦୂରଦୃଷ୍ଟି କଥା ଚିନ୍ତା କରି ନ ଥାଏ । ଏ ଯୌବନ ଦିନେ ରହିବ ନାହିଁ, ଧନ ଦିନେ ରହିବ ନାହିଁ । ଯେପରି ପିମ୍ପୁଡ଼ି ଖୁବ୍ ଜୋରରେ ଦୌଡ଼ୁଥାଏ । ସେ ଜାଣି ନ ଥାଏ ଆଗରେ ପାଣି ସୁଅ ଅଛି ନିଜେ ସେଥିରେ ଭାସିଯିବ । ମଣିଷର ଯୌବନ ଅବସ୍ଥା ଠିକ୍ ସେହିପରି । ପିମ୍ପୁଡ଼ି ପାଣି ସୁଅର ପଡ଼ିଲା ପରି ସେ, ସମୟ ଅତିକ୍ରମ କରି ବାର୍ଦ୍ଧକ୍ୟ ସୁମଖରେ ପଡ଼ିଯାଇଥାଏ । ପିମ୍ପୁଡ଼ି ପାଣି ସୁଅରେ ଭାସିଲା ପରି ସେ ବାର୍ଦ୍ଧକ୍ୟ ସୁଅରେ ଭାଷି ବୁଲୁ ଥାଏ । ବାର୍ଦ୍ଧକ୍ୟ ଅବସ୍ଥାରେ ସେ ସମସ୍ତଙ୍କ ଉପରେ ନିର୍ଭର କରେ । କିନ୍ତୁ ଯେଉଁ ଶିଶୁର ଦୂର ଦୃଷ୍ଟି ଥାଏ ସେ ବାର୍ଦ୍ଧକ୍ୟ ଅବସ୍ଥାକୁ ଛୁଆ ଦିନରୁ ଉପଲବ୍ଧ କରେ । ଶିଶୁ ସମୟରୁ ସେ ବୃଦ୍ଧା ବସ୍ଥା ଜ୍ଞାନକୁ ଉପଲବ୍ଧ କରେ । କାରଣ ମୃତ୍ୟୁ ପର୍ଯ୍ୟନ୍ତ ଜ୍ଞାନ ହିଁ ରଚନା କଲେ । ଏଣୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ଏ ଜନ୍ମରେ କାହିଁକି ପର ଜନ୍ମରେ ଆମକୁ ସଦ୍‌ବୁଦ୍ଧି ଜ୍ଞାନ, ବିବେକ ଓ ବୁଦ୍ଧି ପ୍ରଦାନ କରିବା ପାଇଁ ଆର୍ଶୀବଦ ଦେବେ ।

***

## ହସକଥା

ନାମ - ସସ୍ମିତା ସାହୁ
ଶ୍ରେଣୀ - ଷଷ୍ଠ

ଛାତ୍ର - ସାର୍, ମୁଁ ଗୋଟେ କଥା ପଚାରିବି ?

ଶିକ୍ଷକ - ହୁଁ କୁହ ।

ଛାତ୍ର - ମୁଁ ଯେଉଁ କାମ କରିନି ତା ପାଇଁ କ'ଣ ମୁଁ ଦୋଷୀ ହେବି ?

ଶିକ୍ଷକ - ନା ଜମା ନୁହେଁ । କିନ୍ତୁ ତୁମେ କରିଛ କ'ଣ ?

ଛାତ୍ର - ସାର୍ , ଆଜି ମୁଁ ହୋମ୍‌ୱାର୍କ କରିନି ?

***

# କାମନାର ବିନାଶ ଦୁଃଖର ବିନାଶ

ନାମ- ରାହୁଲ କୁମାର ଦାସ
ଶ୍ରେଣୀ - ଷଷ୍ଠ (ବିଶ୍ୱାମିତ୍ର)

"କାମନାର ବିନାଶ ଦୁଃଖର ବିନାଶ" ଏହି ଉକ୍ତିଟି ଥିଲା ଗୌତମ ବୁଦ୍ଧଙ୍କର । ବୁଦ୍ଧଦେବ ଥିଲେ ମଣିଷ ସମାଜ ପାଇଁ ପଥ ପ୍ରଦର୍ଶକ । ତାଙ୍କ ଜନ୍ମ ଖ୍ରୀଷ୍ଟ ପୂର୍ବ ୫୬୩ ରେ ଏବଂ ତାଙ୍କର ପରଲୋକ ହୋଇଥିଲା ଖ୍ରୀ:ପୂ: ୪୮୩ରେ । ସଂସାରର ଦୁଃଖ କଷ୍ଟ କୁ ହୃଦୟଙ୍ଗମ କରି ସନ୍ନ୍ୟାସୀ ହେବାକୁ ମନ ବଳାଇଥିବାଲେ ଗୌତମ ବୁଦ୍ଧ । ତାଙ୍କ ଜୀବନରେ ସାଂସାରିକତା ଆସିଥିଲା କିନ୍ତୁ ସେଥିରୁ ସେ ନିବୃତ୍ତ ହୋଇ ସଂସାରର ବାସ୍ତବତା ପଛରେ ଧାବମାନ ହୋଇଥିଲେ । ଏବଂ ପରିଶେଷରେ ଦିବ୍ୟଜ୍ଞାନ ଲାଭ କଲେ ।

ବୁଦ୍ଧଦେବ ସଂସାରା ଚାରିଗୋଟି ନିଷ୍ଠୁର ସତ୍ୟକୁ ଉପଲବ୍ଧି କରିଥିଲେ । ଏହି ଚାରୋଟି ସତ୍ୟକୁ "ଚତ୍ୱାରି ଆର୍ଯ୍ୟସତ୍ୟାନି" ବା "ଚାରି ଆର୍ଯ୍ୟ ସତ୍ୟ" ନାମରେ ପ୍ରସିଦ୍ଧ । ସେଗୁଡ଼ିକ ଯଥା :-

୧. ଦୁଃଖ - ଏ ସଂସାରରେ ଦୁଃଖମୟ । ଜରା, ବ୍ୟାଧି, କ୍ଳେଶ, ମୃତ୍ୟୁ ଆଦି ଯୋଗୁଁ ମଣିଷ ଦୁଃଖ ରୂପକ ବୁଢ଼ିଆଣୀ ଜାଲରେ ଛଟପଟ ହୋଇଥାଏ ।

୨. ଦୁଖ - ଦୁଃଖର କାରଣ ହେଉଛି କାମନା ବା ତୃଷ୍ଣା । ମଣିଷ

ସମୁଦୟ ଆହାର ଭୋଗ, ବିଳାସ , ତୃପ୍ତି ...... ନିମିତ ବିଭିନ୍ନ କାମନାମାନ କରିଥାଏ । ଏହି କାମନା ରୂପକ ଅଭିଳାଷର ପୂରଣ ପାଇଁ ସେ ସତତ ଚେଷ୍ଟିତ ହୁଏ । ଏହା ଦୁଃଖର କାରଣ ହୋଇଥାଏ ।

୩. ଦୁଃଖ - କାମନାର ବିନାଶର ଦୁଃଖର ବିନାଶ । ମଣିଷ ନିଜ

ନିରୋଧ ମନର କାମନା ବା ତୃଷ୍ଣାକୁ ଦମନ କଲେ ଦୁଃଖର ଅନ୍ତ ହୋଇଯିବ ଅର୍ଥାତ୍ ବିଭିନ୍ନ ଇଚ୍ଛାକୁ ଦମନ କଲେ ତଦ୍‌ଜନିତ ଦୁଃଖ କଷ୍ଟର ଚିନ୍ତାରୁ ମୁକ୍ତି ମିଳିଥାଏ ।

୪. ଦୁଖ - ଦୁଃଖରୁ ମୁକ୍ତିଲାଭ କରିବା ନିମିତ ମାର୍ଗ ରହିଅଛି ।

ନିରୋଧ ଏକ ନିର୍ଦ୍ଦିଷ୍ଟ ମାର୍ଗରେ ପରିଚାଳିତ ହେଲେ ଅର୍ଥାତଥ

ମାର୍ଗ ସଠିକ୍ ସାଧନା କଲେ ମଣିଷର "ଚିତ୍ତ ନିରୋଧ" ହୋଇପାରିବ ଏବଂ ମଣିଷ ସମସ୍ତ ଦୁଃଖରୁ ମୁକ୍ତିଲାଭ କରିପାରିବ ।

ଆଜିକାଲି ଆପଣ ଯାହାକୁ ପଚାରିବେ, କେମିତି ଅଛନ୍ତି ବୋଲି ? ତେବେ ଉତ୍ତରରେ ନିଶ୍ଚିତ ପାଇବେ ଯେ "ଜୀବନଟା ଦୁଃଖ ଭରା" କିମ୍ବା "ସମସ୍ୟ ପୂର୍ଣ୍ଣ ବୋଲି" ଯଦି ମଣିଷ କାମନା ବା ଇଚ୍ଛା କୁ ନିୟନ୍ତ୍ରଣ ବା ହ୍ରାସ କରିପାରିବ ତେବେ ଦୁଃଖ କ୍ରମଶଃ ହ୍ରାସ ହେବ ବୋଲି ଗୌତମ ବୁଦ୍ଧ ମତବ୍ୟକ୍ତ କରିଥିଲେ ।

ମାତା ପିତା ଯେମିତି ତାଙ୍କ ସନ୍ତାନ ସନ୍ତତିକୁ ନେଇ ଅନେକ କାମନା କରିଥାନ୍ତି ଯେ ପିଲାଟି ତାଙ୍କର ବଡ଼ ହୋଇ ଅନେକ ଅର୍ଥ ଆୟ କରିବା ସହ ନିଜ ବାପା ମା'ଙ୍କର ବୃଦ୍ଧା ଅବସ୍ଥାରେ ଯତ୍ନ ନେବ । କିନ୍ତୁ ଯଦି ପିଲାଟି ପିତା ମାତାଙ୍କର କାମନା ପୂରଣ କରେ ତେବେ ପିତାମାତା ବହୁତ ଖୁସି ହୁଅନ୍ତି । ହେଲେ ଯଦି ପିଲାଟି ଅବାଟରେ ଚାଲେ ଏବଂ ନିଜ ପିତାମାତାଙ୍କର କାମନାକୁ ପୂରଣ ନ କରେ ତେବେ ପିତାମାତାଙ୍କ ମନ ଦୁଃଖ ହୁଏ । ତେବେ ଆମେ ଜାଣିଲେ ଯେ କାମନାର ବିନାଶ ଦୁଃଖର ବିନାଶ । ଏମିତି କାହିଁ କେତେ ଆମ ମନକୁ ଚିନ୍ତା ବା କାମନା ଆସିଥାଏ ଯାହା ପରବର୍ତ୍ତୀ ସମୟରେ ପୂରଣ ନ ହେଲେ ଆମକୁ ଦୁଃଖ କଷ୍ଟ ମିଳିଥାଏ ।

ବେଳେ ବେଳେ ସମାଜରେ କାମନା କରି ଲୋକମାନେ ଭଗବାନ ବା ଉଦ୍ଦେଶ୍ୟରେ କିଛି ଅର୍ଥ ତ କେତେବେଳେ, କେହି କେହି ପରିବା ଏବଂ ଫଳ ମୂଳ ତ୍ୟାଗ କରିଥାନ୍ତି । କେଉଁଠାରେ ଦେଖିବାକୁ ମିଳିଥାଏ ଅନେକ ଧନ ରତ୍ନ ଦାନ କରିଥିବାର । ହେଲେ ଯଦି ମଣିଷ ବିନା କର୍ମରେ ଭାଗ୍ୟକୁ ଆଦରି ଥାଏ ତେବେ ସଫଳତା କିମ୍ବା କୌଣସି ଜିନିଷ ମିଳି ନ ଥାଏ । ମଣିଷ ଏମିତି ଭଗବାନଙ୍କ ଠାରେ କାମନା କରିଥାନ୍ତି ଯଦି ତାହା ପୂରଣ ହେଲା ତ ଭଲ ନ ହେଲେ ଭଗବାନଙ୍କ ଉପରେ ବିଶ୍ୱାସ ତୁଟିଯାଇଥାଏ ।

ଗୌତମ ବୁଦ୍ଧଙ୍କ ମତରେ ମଣିଷର କାମନା ଯେତେ ଅଧିକ ହେବ ଦୁଃଖ ସେତେ ବଢ଼ିବ । କାମନାକୁ ନିୟନ୍ତ୍ରଣରେ ରଖିବା ଉଚିତ ।

***

# ବୃକ୍ଷର ଛାୟା ପଥିକର ନୁହେଁ ସାଥୀ

ନାମ-ସ୍ମୃତି ସମର୍ପିତା ବାରିକ
ଶ୍ରେଣୀ - ଦଶମ (ଭରଦ୍ୱାଜ)

ଜଣେ ଭଦ୍ର ବ୍ୟକ୍ତି ତାଙ୍କ ପୁତ୍ର ସନ୍ତାନ ଜନ୍ମ ହେବା ପରଠାରୁ ସବୁ ପ୍ରକାର ଶିକ୍ଷାଦୀକ୍ଷା ରେ ପାରଙ୍ଗମ କରିବାକୁ ଚେଷ୍ଟା କଲେ । ପୁଅର ଯେତେବେଳେ ଯାହା ଦରକାର ତାକୁ ଆଣି ଯୋଗେଇ ଦେଲେ । ଛାଇ ଭଳି ସବୁବେଳେ ତାଙ୍କ ପୁତ୍ର ପାଖରେ ରହି ସବୁକ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କାଇଁ ପ୍ରବର୍ତ୍ତାଇଲେ । ନିଜର ନିଷ୍ଠା, ପରିଶ୍ରମ ବଳରେ ପିଲାଟି ମଧ୍ୟ

ସମସ୍ତ ସୁଗୁଣର ଅଧିକାରୀ ହେଲ । ତା'ର ସବୁଠାରୁ ବଡ଼ ସହାୟକ ଏବଂ ମିତ୍ର ଥିଲେ ତା'ର ପିତା, ଯିଏକି ତା'ର ସବୁ ଅସୁବିଧା କୁ ଠିକ୍ ସମୟରେ ଜାଣିପାରି ତଦନୁଯାୟୀ ସାହାଯ୍ୟ କରୁଥିଲେ । ପିତାଙ୍କ ଛତ୍ରଛାୟାରେ ସୁରୁଖୁରୁରେ ତା' ଜୀବନ ଅତିବାହିତ ହେଉଥିଲା । କ୍ରମେ ପିଲାଟି ଯୁବକ ଅବସ୍ଥାରେ ପଦାର୍ପଣ କଲା । କାମ ପାଇଁ ତାକୁ ଘର, ପିତାମାତାଙ୍କୁ ଛାଡ଼ି ବାହାରକୁ ଯିବାର ସମୟ ଆସି ଉପନୀତ ହେଲା । ସେତେବେଳେ ପିଲାଟି ଅତ୍ୟନ୍ତ ମନଦୁଃଖରେ ପିତାଙ୍କ ସମ୍ମୁଖରେ ଆସି ଦଣ୍ଡାୟମାନ ହେଲା । ସନ୍ତାନର ମନୋଦଶା ପିତା ଜାଣି ପାରିଲେ । ପିତାଙ୍କ ଅନୁପସ୍ଥିତିରେ ତାର ସବୁକାମ ସଫଳ କେମିତି ହୋଇପାରିବ ବୋଲି ତା'ର ମନରେ ସଂଶୟ ଜାତ ହେଉଥିଲା । ତାଙ୍କର ବିନା ସାହାଯ୍ୟ ସହଯୋଗରେ ସେ ଆଜି ପର୍ଯ୍ୟନ୍ତ କିଛି କରି ନ ଥିଲା । ଆଗକୁ କେମିତି କ'ଣ ସେ ଏକାକୀ କରିବ, ସେହି ଚିନ୍ତାରେ ତା ମୁହଁ ମ୍ଳାନ ପଡ଼ିଯାଇଥାଏ । ପିତା ତାର କାନ୍ଧ ଉପରେ ହାତ ରଖି ତାକୁ ପାଖରେ ବସେଇ ବୁଝେଇଲେ ଯେ, ବୃକ୍ଷର ଛାୟା ସବୁବେଳେ ବୃକ୍ଷ ସାଙ୍ଗରେ ହିଁ ରହିଥାଏ, ସେ ଚାହିଁଲେ ବି ପଥିକ ସହିତ ଯାଇ ପାରେ ନାହିଁ, ଠିକ୍ ସେହିପରି ଶିଶୁ ପିତାମାତା, ଗୁରୁଜନ, ଆତ୍ମୀୟ ସ୍ୱଜନଙ୍କ ଗହଣରେ ବଢେ । ତାଙ୍କ ସ୍ନେହ, ମମତା, ବାତ୍ସଲ୍ୟର ଛତ୍ରଛାୟାରେ ସୁରକ୍ଷିତ ରହି ପରିପକ୍ୱ ହୁଏ । କିନ୍ତୁ ସମୟ ଆସିଲେ ତା' ଭବିଷ୍ୟତ ଗଢ଼ିବା ପାଇଁ ତାକୁ ସମସ୍ତଙ୍କୁଛାଡ଼ି ଯିବାକୁ ହୁଏ । ମାତାପିତାଙ୍କ ଉପସ୍ଥିତି ସବୁବେଳେ ସନ୍ତାନମାନଙ୍କ ସହିତ ସମ୍ଭବ ହୁଏ ନାହିଁ । ମାତ୍ର ତାଙ୍କର ଆଶୀର୍ବାଦ ଓ ଶୁଭକାମନା ସର୍ବଦା ଅଦୃଶ୍ୟ ଶକ୍ତି ଭଳି ପାଖେ ପାଖେ ରହିଥାଏ । ସେହି ସ୍ନେହ, ପ୍ରେମ ଓ ଆଶୀର୍ବାଦର ସହଯୋଗିତା ଲକ୍ଷ୍ୟସ୍ଥଳକୁ ପହଂଚିବା ପାଇଁ ଉତ୍ସାହ ଓ ପ୍ରେରଣା ଯୋଗାଏ । ମାତାପିତାଙ୍କ ପ୍ରଦତ୍ତ ଶିକ୍ଷା, ସଂସ୍କାର ହିଁ ଜୀବନରେ ଆଗକୁ ବଢିବାରେ ସହାୟକ ହୁଏ । ଯେତେ ବାଧାବିଘ୍ନ ଆସୁ ତା'ର ସମାଧାନ କରିବା ଶିଖାଏ । ସେ ସବୁକୁ ପାଥେୟ କରି ଲକ୍ଷ୍ୟ ପଥରେ ଆଗେଇ ଚାଲିବା ହିଁ ମାନବର ଧର୍ମ ।

***

## ପ୍ରକୃତ ବନ୍ଧୁ (ପୁରାଣ କଥା)

ନାମ - ଆଦ୍ୟାଶା ବେହେରା
ଶ୍ରେଣୀ - ସପ୍ତମ(ବିଶ୍ୱାମିତ୍ର)

ଜଣେ ବୁଢ଼ୀ ଲୋକ ଭଗବାନ୍‌କୁ ବହୁତ ପୂଜା କରନ୍ତି । ପ୍ରତ୍ୟେକ ଭିକ୍ଷାବୃତ୍ତି କରି ନିଜ ପେଟ ପୋଷନ୍ତି । ଭିକ୍ଷାରେ ଯାହା କିଛି ଆଣନ୍ତି, ତାକୁ ସେ ଭଗବାନଙ୍କ ପାଖରେ ପ୍ରଥମେ ଭୋଗ କଲା ପରେ ସେ ନିଜେ ଗ୍ରହଣ କରନ୍ତି । ଥରେ କ'ଣ ହୋଇଛି ଚାର ପାଂଚ ଦିନ ଧରି କିଛି ଭିକ୍ଷା ମିଳି ନାହିଁ । ସେ ତଥାପି ମଧ ମନ କଷ୍ଟ କରି ନାହିଁ । ଚାରି ପାଂଚ ଦିନ ପରେ ଜଣେ ଲୋକ ତାଙ୍କୁ କିଛି ଚଣା ଖାଇବାକୁ ଦେଇଛନ୍ତି । ସେ ଚଣାକୁ ଆଣି ନିଜ କୁଡ଼ିଆକୁ ଆସିଲେ । ସେ କୁଡ଼ିଆରେ ପହଂଚିଲା ପରେ ଭଗବାନକୁ ଚଣାଟିକୁ ଦେଖାଇ କହିଛନ୍ତି ଯେ ପ୍ରଭୁ ଏହା ମଧ ଆପଣଙ୍କ କୃପା । ଚାରି ଦିନ ହେଲା ମୁଁ କିଛି ଖାଇ ନାହିଁ । ତଥାପି ତୁମକୁ ଏଇ ଚଣାକୁ ଭୋଗ ନ ଲଗାଇ କେବେ ଏହା ଗ୍ରହଣ କରିବି ନାହିଁ । ତେବେ ସେ ବୁଢୀଟି ସେ ଚଣାଟିକୁ ପୁଟୁଳିରେ ବାନ୍ଧି କୁଡ଼ିଆ ଭିତରେ ଟଙ୍ଗାଇ ଦେଇ ରାତିରେ ଶୋଇ ପଡ଼ିଛି । ସେ ଭଗବାନଙ୍କୁ କହିଛି, "ପ୍ରଭୁ ସକାଳ ହେଲେ ମୁଁ ତୁମକୁ ଭୋଗ ଲଗାଇ ଏହାକୁ ଗ୍ରହଣ କରିବି । ବୁଢୀ ଶେକଟି ଶୋଇଥିବା ସମୟରେ ହଠାତ୍ କିଛି ଚୋର ସେ କୁଡ଼ିଆ ଭିତରେ ପଶିଛନ୍ତି । କୁଡ଼ିଆ ଭିତରେ ପଶି କୋଉଠି କିଛି ନ ପାଇ ଦେଖିଛନ୍ତି ଗୋଟିଏ ପୁଟୁଳି ଟଙ୍ଗା ହୋଇଛି । ଚୋରମାନେ ଭାବିଲେ ବୁଢୀଟି ତା ଭିତରେ ସୁନାରୂପା ରଖିଛି । ସେହି ପୁଟୁଳିଟିକୁ ନେଇ ସେମାନେ ଦୌଡ଼ି ଦୌଡ଼ ଚାଲି ଯାଇଛନ୍ତି । ଯେତେବେଳେ ସେମାନେ ଜଙ୍ଗଲ ଦେଇ ଦୌଡ଼ି ଦୌଡ଼ି ଯାଉଛନ୍ତି, ସେହି ସମୟରେ ସେହି ଜଙ୍ଗଲ ରାସ୍ତାରେ ଗଲାବେଳେ ଶ୍ରୀକୃଷ୍ଣ ଶିକ୍ଷା ଗ୍ରହଣ କରୁଥିବା ସନ୍ଦିପନୀ ଋଷିଙ୍କର ଆଶ୍ରମ ପଡ଼ିଛି । ସେହି ଆଶ୍ରମ ନିକଟ ଦେଇ ଗଲାବେଳେ କିଛି ଏକ ଶବ୍ଦ ଶୁଣି ଆଶ୍ରମ ମଧକୁ ପଶି ଯାଇଛନ୍ତି । ଆଶ୍ରମ ଭିତରେ ଶବ୍ଦ ଶୁଣି ସନ୍ଦିପନୀ ଋଷିଙ୍କ ପତ୍ନୀ ଉଠିକି ବାହାରକୁ ଆସି ଦେଖିଛନ୍ତି, ଚୋରମାନେ ଡ଼ରିକି ପୁଟୁଳି ଥୋଇ ଦୌଡ଼ିକି ପଳାଇଛନ୍ତି । ସକାଳ ହେଲା ପରେ ସନ୍ଦିପନୀ ଋଷିଙ୍କ ପତ୍ନୀ ଘର ବାହାର ସଫାକଲା ପରେ ସେ ପୁଟୁଳିଟିକୁ ପାଇଛନ୍ତି । ସେ ପୁଟୁଳିକୁ ଖୋଲି ଦେଖିଲା ବେଳକୁ କିଛି ଚଣା ବାହାରିଛି । ସେ ଚଣାକୁ ରଖି ଦେଇଛନ୍ତି । ଯେତେବେଳେ ସକାଳେ ଶ୍ରୀକୃଷ୍ଣ ଓ ସୁଦାମ ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ବାହାରିଛନ୍ତି, ସେହି ସମୟରେ ଋଷି ପତ୍ନୀ ସେହି ଚଣା ଦେଇଛନ୍ତି ଓ ସୁଦାମକୁ କହିଛନ୍ତି ଯେ ଏ ଚଣାକୁ ତୁମେ ନିଅ ଜଙ୍ଗଲରେ କାଠ କାଟିବା ସମୟରେ ଯେତେବେଳେ ଭୋକ ଲାଗିବ ଦୁହେଁ ବାଂଟିକି ଖାଇଦବ । ସୁଦାମ ଥିଲେ ଜନ୍ମଜାତ ବ୍ରହ୍ମଜ୍ଞାନୀ । ସେହି ଚଣାର ପୂର୍ବ ରହସ୍ୟ ବିଷୟରେ ସେହି ଚଣାକୁ ଧରିଲା ମାତ୍ରେ ଜାଣି ଯାଇଥିଲେ ।

ସକାଳ ହେଲା ପରେ ସେହି ବୁଢୀ ଲୋକଟି ସେହି ଚଣାଟିକୁ ଖୋଜିଛି ଠାକୁରଙ୍କୁ ଭୋଗ ଲଗାଇବା ପାଇଁ । ଦେଖିଛି ତାକୁ କିଏ ନେଇଯାଇଛି । ଅଭିଶାପ ଦେଇଚି ଯେ ଯିଏ ଏ ଚଣାଟିକୁ ଖାଇବ ସେ ସାରା ଜୀବନ ପର୍ଯ୍ୟନ୍ତ ଦରିଦ୍ର ରହିବ । ଯେତେବେଳେ ସୁଦାମ ଆଉ କୃଷ୍ଣ ଜଙ୍ଗଲରେ ଥାଇ କାଠ ସଂଗ୍ରହ କରୁଛନ୍ତି ସେହି ସମୟରେ କୃଷ୍ଣ ସୁଦାମାକୁ ଚଣା ଖାଇବାକୁ ମାଗିଛନ୍ତି, ସୁଦାମା ତାଙ୍କୁ ଚଣା ଖାଇବାକୁ ଦେଲେ ନାହିଁ । ସୁଦାମା ସେଠି, ଚିନ୍ତା କରିଛନ୍ତି ଯେ, ଯଦି କୃଷ୍ଣ ଏହି ଚଣାକୁ ଖାଆନ୍ତି, ତିନିଲୋକ ଦରିଦ୍ର ରହିବ । ତେଣୁ ଭଲ ହେବ ମୁଁ

ଏଇ ଚଣାକୁ ନିଜେ ଖାଇଦେବି । ଯଦି ମୁଁ ଚଣାକୁ ଫୋପାଡ଼ି ଦେବି ତ ସେହି ଚଣାକୁ ଆଉ କେହି ଖାଇଦେବ ତେବେ ସିଏ ଜୀବନ ସାରା ଦରିଦ୍ର ରହିବ । ସୁଦାମ ସେହି ଚଣାକୁନିଜେ ଖାଇଦେଲେ ଏବଂ ଚିରଦିନ ପାଇଁ ଦରିଦ୍ର ରହିଲେ ।

ନିତୀଶିକ୍ଷା :-

**ଆମକୁ ଏପରି ବନ୍ଧୁ ବାନ୍ଧିବା ଦରକାର ଯିଏ ଆମର ସଫଳତାରେ ଖୁସି ହୁଅନ୍ତି । ଏବଂ ଆମ ଉପରକୁ ଆସୁଥିବା ଅସୁବିଧାକୁ ଦୂରେଇ ଦିଅନ୍ତି ।**

***

## ଅଳସୁଆ ଦୁଃଖ ପାଏ

**ନାମ - ପୁଷ୍ପାଞ୍ଜଳି ବେହେରା**

**ଶ୍ରେଣୀ - ଅଷ୍ଟମ(ଭରଦ୍ୱାଜ)**

ଗୋଟିଏ ଗାଆଁରେ ହରି ଓ ରବି ନାମକ ଦୁଇଟି ସାଙ୍ଗ ରହୁଥିଲେ ହରି ଜଣେ ପରିଶ୍ରମୀ ଚାଷୀ ଥିଲା । ହେଲେ ରବି ତା'ର ବିଲକୁଲ ବିପରୀତ ଥବଲା । ସେ ସମ୍ପୂର୍ଣ୍ଣ ଭାବେ ଅକର୍ମ ଓ ଅଳସୁଆ ଥିଲଶ । ହରି ସବୁବେଳେ ଶୋଇ ରହୁଥିଲା କିନ୍ତୁ ରବି ସବୁ ପ୍ରକାରୁ କାମ କରେ ଓ କୃଷିରେ ନିଜ ପରିବାର ପୋଷେ । ଦିନେ ରବି ହରି କ୍ଷେତକୁ ଯାଇ ଦେଖେ ଓ ତା'ର କ୍ଷେତ ହଳ ହୋଇ ପଡ଼ିଛି । କିନ୍ତୁ ବାକି କାମ ଏ ପର୍ଯ୍ୟନ୍ତ ହୋଇ ନାହିଁ । ତେଣୁ ହରି କୁ ସୂଚିତ କରିବା ପାଇଁ ତା ଘରକୁ ଯାଇ ପହଂଚିଲା ଓ ତାକୁ କହିଲା ହେ ସାଙ୍ଗ ମୋ ସହିତ ଆସ କୃଷି କାର୍ଯ୍ୟ କରିବାର ଏ ଠିକ୍ ସମୟ ଆସ ହଳ ଯୋଚିବା । ଅଳସୁଆ ରବି ବଡ଼ କଷ୍ଟରେ ଉଠିଲା ଓ କହିବାକୁ ଲାଗିଲା ହେ ସାଙ୍ଗ ମୋ ଦେହ ବହୁତ ଖରାପ ଅଛି ମୁଁ ଜ୍ୱରରେ ପଡ଼ିଛି ତୁ ମୋର କ୍ଷେତରେ ହଳ ଯୋଚି ଦେଲା । ପରଦିନ ହରି କୁ ଜଣାଥିଲା କି ରବି ତାକୁ ମିଛ କହୁଛି । ତଥାପି ସାଙ୍ଗ ଦୃଷ୍ଟିରୁ ରବି ହରିର କ୍ଷେତରେ ହଳ ଯୋଚି ଦେଲା । ପରଦିନ ହରି କ୍ଷେତକୁ ଯାଉଥିବା ରାସ୍ତାରେ ରବିକୁ ଦେଖିଲା । ତେଣୁ ରବିକୁ କହିଲା ମୁଁ ତମ କ୍ଷେତରେ ହଳ ଯୋଚି ଦେଇଛି । ଏବେ ମୋ ସହିତ ଆସ ମଞ୍ଜି ଲଗାଇବା କିନ୍ତୁ ରବି ଅଳସୁଆରେ କହିବାକୁ ଲାଗିଲା ତୁ ଚାଲ ମୁଁ ଆସୁଛି । ସେଠାରୁ ହରି ଏକା ଚାଲିଗଲା । କିନ୍ତୁ ରବି ବଡ଼ ଆରାମରେ ଶୋଇ ରହିଲା । ହରି ନିଜ କ୍ଷେତର କାମ ସାରି ରବି ଘରକୁ ଗଲା । ତାକୁ ସୂଚିତ କରାଇବା ପାଇଁ କହିଲା ହେ ରବି ମୁଁ ତୁମ କ୍ଷେତରେ ମଞ୍ଜି ବୁଣି ଦେଇଛି । ମୋ ସହ ଚାଲ ପାଣି ଛିଚିଂବା ଓ ବାକି କାମ କରିବା । ଅଳସୁଆ ରବି କହିଲା ମୁଁ ଏବେ ଏବେ ବିଶ୍ରାମ କରୁଛି । ତୁମେ ଚାଲ ମୁଁ ବିଶ୍ରାମ କରି ନିଶ୍ଚିତ ଆସିବି । ଏବେ ମଧ ହରି ଜାଣିଥିଲା ରବି ମିଛ କହୁଛି । ତେଣୁ ସେ ନିଜ କ୍ଷେତର ପାଣିକୁ ରବି କ୍ଷେତକୁ ଛାଡ଼ିଦେଲା । ସମୟ ବଢି ଚାଲିଲା ଫସଲ ବଢିବାକୁ ଲାଗିଲା । ତେଣୁ ହରି ନିଜ ମିତ୍ର ରବି ପାଖକୁ ଗଲା ଏବଂ କହିଲ, ହେ ରବି ତୁ ମୋର ସବୁଠୁ ଭଲ ବନ୍ଧୁ, ତେଣୁ ମୁଁ ତୋର ସବୁ କାମ ସାରି ଦେଇଛି । ହେଲେ ଫସଲ ଅମଳ କରିବା ସମୟ ଆସି ଗଲାଣି ତୁ ତୋ କ୍ଷେତକୁ ଯାଆ, ନ ହେଲେ ବଡ଼ ଅପର୍ଥ ହୋଇଯିବ । ବର୍ଷା ହେଲେ ସବୁ ଉଜୁଡ଼ିଯିବ । ଏବେ ମଧ ରବି ନିଜ ଅଳସୁଆମି ପଣକୁ ତ୍ୟାଗ କଲା ନାହିଁ । ଘରେ ଶୋଇ ରହିଲା । ସେ ହରି ସହ କ୍ଷେତକୁ ଗଲା ନାହିଁ । ହରି ନିଜ ଫସଲ କାଟିବାକୁ ଲାଗିଲା ଓ ତାକୁ ଘରକୁ ଆଣି ଏକ ସସ୍ଥାନରେ ରଖିଲା । ଅଚାନକ ବର୍ଷା ହେବାକୁ ଲାଗିଲା । ରବିର ଫସଲ ପାଣିରେ ଭାସିବାକୁ ଲାଗିଲା । ଏବେ ରବି ଦୁଃଖ ମନରେ କାନ୍ଦି କାନ୍ଦି ଫସଲ ପଛରେ ଦୌଡ଼ିବାକୁ ଲାଗିଲା । କିନ୍ତୁ ତା' ଆଖି ଆଗରେ ସବୁ ଫସଲ ପାଣିରେ ବହିଗଲା ।

ନିତୀଶିକ୍ଷା :-

**ଅଳସୁଆ ସର୍ବଦା ଦୁଃଖ ପାଏ ।**

***

## ହସକଥା

**ନାମ - ସସ୍ମିତା ସାହୁ**

**ଶ୍ରେଣୀ - ଷଷ୍ଠ**

କ୍ଲାସରେ ରାଜୁ ବାରମ୍ବାର ଘୁମାଉଥିବା ଦେଖି ଅଜୁ ପଚାରିଲା ଆରେ ରାଜୁ ରାତିରେ ଶୋଇନୁ କି ଏଠି ଘୁମାଉଛୁ ?

ରାଜୁ - କାଲି ରାତି ସାରା ମୋତେ ନିଦ ହୋଇନି ?

ଅଜୁ - କାହିଁକି

ରାଜୁ - ରାତିରେ ମୁଁ ସ୍ୱପ୍ନରେ ଚାଲୁଥିଲି ।

***

## ଲୋଭ ଅନର୍ଥର କାରଣ

**ନାମ - ପ୍ରିୟାଂଶୁ ପ୍ରିତମ୍ ବାରିକ**

**ଶ୍ରେଣୀ - ସପ୍ତମ(ବିଶ୍ୱାମିତ୍ର)**

ଲୋଭ ଆମର ଏମିତି ଗୋଟିଏ ଶତ୍ରୁ, ଯିଏ ମୃତ୍ୟୁ ପର୍ଯ୍ୟନ୍ତ ଆମକୁ ନଚଉ ଥାଏ । ନିଜର ଏହି ଶତ୍ରୁ ଉପରେ ବିଜୟ ପ୍ରାପ୍ତ କରିବା ପାଇଁ ମନୁଷ୍ୟ ପୂରା ଜୋର୍ ଲଗେଇଥାଏ । କିନ୍ତୁ ପରିଣାମ ଯେମିତି କୁ ସେମିତି । କୁହନ୍ତି କି ଏହି ଦୁନିଆରେ ଭାଗ୍ୟଠୁ ଅଧିକ, ଆଉ ସମୟର ପୂର୍ବରୁ କାହାରିକି ମିଳେ ନାହିଁ । ଗୋଟିଏ ଉକ୍ତି ଅଛି : **"ଲୋଭ ମୂଳମନର୍ଥାନାମ୍" ଅର୍ଥାତ୍ - ଲୋଭ ସବୁ ଅନର୍ଥର କାରଣ ଅଟେ** । ଏହର କେବେ ସମାପ୍ତ ହେବ ନାହିଁ । ଗୋଟିଏ ବସ୍ତୁକୁ ଆମେ ଦେଖିଥାଉ ତାକୁ ପାଇବାର ଲାଳସା ଆମ ମନରେ ଭରିଯାଏ । ତାକୁ ପାଇବା ପାଇଁ ଆମେ ବହୁତ ଚେଷ୍ଟା କରିଥାଉ । ଆଉ ହାସଲ ମଧ କରିଥାଉ । ଏହିପରି ଲାଳସା, ଆମକୁ ଏମିତି ଜାଲରେ ଫସେଇ ଦିଏ, ଆଉ ସେଠାରୁ ବାହାରିବାକୁ ଚେଷ୍ଟା କଲେ ଆମେ ଅଡୁଆରେ ପଡ଼ିଯାଉ । ନିଜକୁ ବଂଚେଇବାର ମାର୍ଗ ଆମ ମୁଣ୍ଡରେ ପଶେ ନାହିଁ । ଏହି ଲୋଭ ଯୋଗୁଁ ବଜାରରେ ଓ ସମାଜରେ ଚୋରି, ଲୁଟ୍‌ପାଟ୍, ଅନ୍ୟକୁ ହାଣିବା, କଳାବଜାରୀ, ଟ୍ୟାକ୍ସ ଫାଙ୍କିବା ଭଳି ଯେମିତି ଅପରାଧ ବଢି ଚାଲିଛି । ସେ ରାଜା କାହାଣୀକୁ ଛୋଟ ବେଳେ ଆମେ ପଢିଛେ - ଯିଏ ବହୁତ ସୁନା ଏକାଠି କରିବାକୁ ଚାହୁଁଥିଲେ । ଜଣେ ସାଧୁ ତାଙ୍କୁ ବରଦାନ ଦେଇଥିଲେ କି ଯେଉଁ ବସ୍ତୁକୁ ଛୁଇଁବେ ସେ ବସ୍ତୁ ତତ୍‌କ୍ଷଣାତ୍ ସୁନା ହୋଇଯିବ । ସେ ବହୁତ ଖୁସି ହୋଇଗଲେ । ନିଜ ଇଚ୍ଛାରେ ବରଦାନ ପାଇକରି । ତାଙ୍କ ମହଲରେ ପ୍ରତ୍ୟେକ ବସ୍ତୁ ସୁନା ହୋଇଗଲା ।

ଏପରି ତାଙ୍କର ଝିଅ ମଧ୍ୟ ସୁନା ହୋଇଗଲା । ଏଥିରେ ସେ ବହୁତ ଦୁଃଖୀ ହୋଇଗଲେ, ଆଉ ବହୁତ କାନ୍ଦିଲେ । ଚିତ୍କାର କରିଲେ ଆଉ କହିଲେ - "ମୋତେ ଆଉ ସୁନା ଦରକାର ନାହିଁ" । ସେ ସାଧୁଙ୍କ ପାଖକୁ ଯାଇ କହିଲେ - "ଆପଣ ଏହି ବରଦାନକୁ ଫେରେଇ ନିଅନ୍ତୁ ।" ଏହି କଥା କେବଳ ସେ ରାଜାଙ୍କର ନୁହେଁ ଆମ ସମସ୍ତଙ୍କର ମଧ୍ୟ । ଯିଏ ନିଜ କର୍ମ ଅନୁସାରେ ଈଶ୍ୱର ପ୍ରଦତ୍ତ ଦୁର୍ଲଭ ପଦାର୍ଥରେ ସନ୍ତୁଷ୍ଟ ନ ହୋଇ ପ୍ରତିଦିନ କିଛି ନୂଆ ପାଇବା ପାଇଁ ଏଣେତେଣେ ବୁଲେ, ସେ ଏହିପରି ଅବସ୍ଥାରେ ସମ୍ମୁଖୀନ ହୁଏ । ଲୋଭର ଦୌଡ଼ରେ ଦୌଡ଼ି ଦୌଡ଼ି ନିଜର ପ୍ରିୟଜନଙ୍କ ଠୁଁ କେବେ ସେ ବିମୁଖ ହୋଇଯାଏ ତାହା ଜଣା ପଡ଼େ ନାହିଁ । ଯେତେବେଳେ ସେ ଚେତେ, ସେତେବେଳେ ନିଜକୁ ଏକୁଟିଆ ପାଏ । ଯେଉଁ ସମୟରେ ତା'ର ନିଜର ଲୋକଙ୍କ ସହାରା ଦରକାର ପଡିଥାଏ ସେ ସମୟରେ ସେ ତାଙ୍କୁ ହରେଇ ସାରିଥାଏ । ସେ ପଶ୍ଚାତାପ କରିଥାଏ । ଆଉ ନିଜକୁ ଧିକ୍କାରିଥାଏ ।

**ନିତୀଶିକ୍ଷା :-**

**କାମ, କ୍ରୋଧ ଓ ଲୋଭ - ଏହି ତିନୋଟି ନର୍କର ଦ୍ୱାର, ଆତ୍ମାର ଅବନତିର ମୂଳ କାରଣ, ଏଥି ନିମିତ୍ତ ଏହି ତିନୋଟି କୁ ତ୍ୟାଗ କରିବା ଉଚିତ୍ ।**

***

## ଆଦିଗୁରୁ - ଶଙ୍କାରାଚାର୍ଯ୍ୟ

ନାମ - ଶୁଭମ୍ ସ୍ୱସ୍ତିକ ଦାସ
ଶ୍ରେଣୀ - ନବମ(ଭରଦ୍ୱାଜ)

ଏକ ଦମ୍ପତି ଥିଲେ । ସେମାନଙ୍କର କୌଣସି ପୁତ୍ର ନ ଥିଲା । ସେ ଶିବଙ୍କୁ ବହୁତ ଆରଧନା କରୁଥିଲେ । ସେଥିପାଇଁ ସେ ଦିନେ ଶିବଙ୍କୁ ମାଗିଲେ । ହେ ଭଗବାନ୍ ଆମର କୌଣସି ପୁତ୍ର ନାହିଁ, ଦୟାକରି ଆମକୁ ଏକ ପୁତ୍ର ଦିଅନ୍ତୁ । ଏଥିରେ ପ୍ରସନ୍ନ ହୋଇ ଶିବ ପଚାରିଲେ ତୁମାର କି ପ୍ରକାର ପୁତ୍ର ଦରକାର । ୧୦୦ଟି ପୁତ୍ର ଦରକାର ଯେଉଁମାନଙ୍କ ପାଖରେ କୌଣସି ଭଲଗୁଣ ନ ଥିବ । କିମ୍ବା ୧ଟି ପୁତ୍ର ଦରକାର ଯିଏ ସମସ୍ତ ପ୍ରକାର ଗୁଣ ଓ ଜ୍ଞାନର ଅଧିକାରୀ ହୋଇଥିବ । ଏଥିରେ ଦମ୍ପତି କହିଲେ ଯେ ଆମର ଗୋଟିଏ ଜ୍ଞାନୀ ଓ ଗୁଣୀ ପୁତ୍ର ଦରକାର ଯିଏ ସାରା ଜଗତକୁ ନିଜର ଆଲୋକରେ ଆଲୋକିତ କରିପାରିବ । ଏହାପରେ ତାଙ୍କର ଏକ ପୁତ୍ର ଜାତ ହେଲା । ସେମାନେ ଶିବଙ୍କ ଆରଧନାରୁ ତାକୁ ପାଉଥିବାରୁ ତା'ନାମ ଶଙ୍କର ଦେଲେ ।

କାଳକ୍ରମେ ଶଙ୍କର ବଡ଼ ହେଲେ । ଯେତେବେଳେ ତାଙ୍କୁ ୫ବର୍ଷ ହେଲା ସେତେବେଳେ ତାଙ୍କ ମନରେ ନିର୍ବାଣ ଭାବନା ଆସିଲା । ସେ ତାଙ୍କ ମା'ଙ୍କୁ କହିଲେ ମା' ତୁ ମୋତେ ଆଦେଶ ଦେ ମୁଁ ସନ୍ନ୍ୟସୀ ହୋଇଯିବି । ମା' ତାଙ୍କର ଏହି କଥା ଶୁଣି ବିଚିତ୍ର ହୋଇଗଲେ । ସେ ଶଙ୍କରକୁ ଜାବୁଡ଼ି ଧରି କାନ୍ଦିଲେ ଓ କହିଲେ ମୁଁ ତତେ ଏତେ ଛୋଟ ବୟସରୁ ସନ୍ନ୍ୟାସୀ ହେବା ପାଇଁ ଛାଡ଼ି ପାରିବିନି । ଏଥିରେ ଶଙ୍କର ଚିନ୍ତିତ ହେଲେ ଭାବଲେ ସନ୍ନ୍ୟାସୀ ହେବା ପାଇଁ ନିଶ୍ଚିତ ମାତାଙ୍କର ଅନୁମତି ଆବଶ୍ୟକ । ତେଣୁ ଦିନେ ଶଙ୍କରଙ୍କର ମା ଓ ଶଙ୍କର ଏକ ପୋଖରୀରେ ଗାଧୋଇଥିବା ବେଳେ । ଶଙ୍କର ନିଜ ମାୟା ବଳରେ ପୋଖରୀରେ ଏକ କୁମ୍ଭୀର ପଠାଇଲେ । ସେ ଦୁହେଁ ଗାଧୋଉଥିବା ସମୟରେ ଶଙ୍କରକୁ ସେହି କୁମ୍ଭୀରଟି ଧରିନେଲା ଓ ମା' ଏହା ଦେଖି ପ୍ରବଳ ଡ଼ରିଗଲେ । ସେ ଶଙ୍କରକୁ ବଂଚାଇବା ପାଇଁ ପ୍ରବଳ ଚେଷ୍ଟା କଲେ । ଏହି ସମୟରେ ଶଙ୍କର କହିଲେ, "ଦେଖ ମା' ମୁଁ ପାଂଚ ବର୍ଷ" ବୟସରେ ସନ୍ନ୍ୟାସୀ ହୋଇଥାନ୍ତି କିନ୍ତୁ ତୁମେ ମତେ ବାରଣ କଲେ । ଏବେ ସେ ହି କୁମ୍ଭୀର ପାଖରେ ମୋର ମୃତ୍ୟୁ ହେବ ।

ଏହା ଶୁଣି ତାଙ୍କ ମା' କହିଲେ, "ଯା ବାବା ମୁଁ ତତେ ସନ୍ନ୍ୟାସୀ କରି ଦେଲି" ଏବଂ ଏହାପରେ କୁମ୍ଭୀରଟି ତାଙ୍କୁ ଛାଡ଼ି ଦେଇ ନିଜ ବାଟରେ ଚାଲିଗଲେ ।

ଏହାପରେ ଘରକୁ ଆସି ଖାଇପିଇ ଶଙ୍କର ସନ୍ନ୍ୟାସୀ ହେବା ପାଇଁ ବାହାରିଗଲେ । ଶିବଙ୍କ ଆର୍ଶୀବାଦରୁ ଜାତ ହୋଇଥିବା । ଏହି ମହାନ୍ ମାନବ ସାରା ବିଶ୍ୱକୁ ଉଦ୍ଧାର କଲେ ଓ ଭାରତର ଚାରି ଦିଗରେ ଚାରୋଟି ମଠ ସ୍ଥାପନ କଲେ । ଯାହାଙ୍କର ଜୀବନକାଳ ମାତ୍ର ୩୨ବର୍ଷ ଥିଲା । ସେ ୩୨ ବର୍ଷ ବୟସରେ ପ୍ରାଣ ତ୍ୟାଗ କଲେ । ସେ ଯେତିକି ବର୍ଷ ବଂଚିଛନ୍ତି ତାଙ୍କ ଆଲୋକରେ ସେ ସାରା ଜଗତକୁ ଆଲୋକିତ କରିଛନ୍ତି । ଏହି ମହାମାନବଙ୍କୁ ଆମେ **"ଶଙ୍କରାଚାର୍ଯ୍ୟ"** ରୂପେ ଜାଣୁ ।

**ନିତୀଶିକ୍ଷା :-**

**ଆମେ ଯେତିକି ଦିନ ବଂଚିବା କିଛି ମହାନ୍ କାମ କରିବା । ଯାହା ଦ୍ୱାରା ଆମେ ମୃତ୍ୟୁପରେ ଲୋକମାନେ ଆମକୁ ମନେ ପକାଇବେ ଓ ଆମେ ତାଙ୍କ ପାଖରେ ଚିର ସ୍ମରଣୀୟ ହୋଇ ରହିବା ।**

***

## ଦୁଃଖ ନଇ ଯିବ ପହଁରି

ନାମ - ନମ୍ରତା ମହାନ୍ତି
ଶ୍ରେଣୀ - ଦଶମ

ବାଳ ସୂର୍ଯ୍ୟଟି ଯେତିକି ସୁନ୍ଦର
ବୁଡିବା ସୂର୍ଯ୍ୟ ଆହୁରି
ଆନଦିନେ ଜହ୍ନ ଯେତିକି ସୁନ୍ଦର
ପୁନେଇ ଦିନରେ ଆହୁରି ।
କାଳିଆ ବଉଦ ଯେତିକି ସୁନ୍ଦର
ବିଜୁଳି ତା କୋଳେ ଆହୁରି
ନିଜେ ଓଠେ ହସ ଯେତିକି ସୁନ୍ଦର
ଆନ ଓଠେ ହସ ଆହୁରି ।
ଗଛ ଲଗାଇବା ଯେତିକି ସୁନ୍ଦର
ଯତନ ନେବାଟା ଆହୁରି
ଉପଦେଶ ଦେବା ଯେତିକି ସୁନ୍ଦର
ମାନି ଚଳୁଥିବା ଆହୁରି ।
କାମ କରୁଥିବା ଯେତିକି ସୁନ୍ଦର
କରେଇ ଜାଣିବା ଆହୁରି
ଜ୍ଞାନ ଆହରଣ ଯେତିକି ସୁନ୍ଦର
ବାଣ୍ଟିବା ତାହାକୁ ଆହୁରି ।
ଦିଅଙ୍କୁ ପୂଜିବା ଯେତିକି ସୁନ୍ଦର
ବାପା ମା' ପୁଜିବା ଆହୁରି
ବାପା ମା' ଆଶିଷ ଥିଲେ ଜାଣି ଥା'
ଦୁଃଖ ନଈ ଯିବ ପହଁରି ।

***

# ଅବୁଲ ଫକିର ଜେନୁଲ ଅବଦ୍ଦିନ ଅବଦୁଲ କାଲାମ୍

ନାମ - ସତ୍ୟ ଶଙ୍କର ସାମଲ
ଶ୍ରେଣୀ - ଅଷ୍ଟମ(ଭରଦ୍ୱାଜ)

ଅବଦୁଲ କାଲାମ ପିଲାଦିନେ ଖବର କାଗଜ ବିକ୍ରି କରିବା ସହିତ ଡ଼ଙ୍ଗାରେ ଯାତ୍ରୀମାନଙ୍କୁ ରାମେଶ୍ୱରମ୍ ନେଉଥିଲେ । ଯେତେବେଳେ ଯାତ୍ରୀମାନେ ରାମେଶ୍ୱରମ୍ ପରିକ୍ରମା କରୁଥିଲେ । ସେ ସେହି ସମୟରେ ପଦାର୍ଥ ବିଜ୍ଞାନର ସିଦ୍ଧାନ୍ତ ପଢୁଥିଲେ । ତାଙ୍କର ପୂରାନାମ ଅବୁଲ୍ ଫକିର ଜେନୁଲ ଅବଦ୍ଦିନ ଅବଦୁଲ କାଲାମ । ୨୦୦୨ ରୁ ୨୦୦୭ ପର୍ଯ୍ୟନ୍ତ ଭାରତର ୧୧ତମ ରାଷ୍ଟ୍ରପତି ଥିଲେ । ଜଣେ ଇଂରେଜ ଶିକ୍ଷକ ଛାତ୍ରମାନଙ୍କୁ ପଚାରିଲେ ଅବଦୁଲ କାଲାମ୍ କି ଏ ? ସେଠାକାର ଜଣେ ଛାତ୍ର ଉତ୍ତର ଦେଲା **"He is a simple Indian who is in explicable"** ଯାହକୁ **explain** କରିହେବ ନାହିଁ । ବିଶେଷଣ ବିଶେଷ୍ୟର ଗୁଣ, ଅବସ୍ଥା ଓ ପରିମାଣକୁ ବିଶେଷିତ କରିଥାଏ । ଦୁନିଆର ସବୁ ବିଶେଷଣ ଲାଗାଇଲେ ମଧ ତାଙ୍କ ବିଶେଷତାକୁ ପରିଭାଷିତ କରାଯାଇପାରିବ ନାହିଁ । ସେ ସମଗ୍ର ବିଶ୍ୱକୁ ୪ଟି ମନ୍ତ୍ର ଦେଇଥିଲେ । ଯଥା :-

1. **Great aim**
2. **Knowlage acquire**
3. **Hard work**
4. **Perseverance**

ଅବଦୁଲ କାଲାମ୍ ୧୫ ଅକ୍ଟୋବର ୧୯୩୧ ମସିହା ରାମେଶ୍ୱରମ ଠାରେ ଜନ୍ମ ଗ୍ରହଣ କରିଥିଲେ । ତାମିଲ ନାଡୁରେ ରାମେଶ୍ୱରମ୍ ଅବସ୍ଥିତ । ତାଙ୍କ ବାପା ପେସାରେ ଜଣେ ନାବିକ ଥିଲେ । ସ୍କୁଲରେ ତାଙ୍କର ଗୋଟେ ସାଙ୍ଗ ଥିଲା । ଯିଏ କି ଜଣେ ବ୍ରାହ୍ମଣର ପୁତ୍ରଥିଲେ । ଅବଦୁଲ କାଲାମ୍ ତାଙ୍କ ସହିତ ବସିଥିବାରୁ ଶିକ୍ଷକଙ୍କୁ ଭଲ ଲାଗିଲା ନାହିଁ । ଶିକ୍ଷକ ତାଙ୍କୁ ଶେଷ ବେଂଚ୍‌ରେ ବସିବାକୁ କହିଲେ । ଅବଦୁଲ କାଲାମ୍ ଚୁପ୍‌ଚାପ୍ ଯାଇ ସେଠାରେ ବସିଗଲେ । ସେ ସେହିଦିନ ଠାରୁ ସଂକଳ୍ପ ନେଲେ କି ଶ୍ରେଣୀ ଶେଷରେ ବସି ମଧ ଭାରତକୁ ବିଶ୍ୱ ସ୍ତରରେ ପହଂଚାଇବା ପାଇଁ ଚେଷ୍ଟା କରିବି । ସେ କହୁଥିଲେ ଶ୍ରେଣୀର ସବୁଠାରୁ ବୁଦ୍ଧିମାନ ଛାତ୍ର ଶ୍ରେଣୀର ଶେଷକୁ ମଧ ମିଳିପାରିବେ । ଅବଦୁଲ କାଲାମଙ୍କର ଛଅ ଭାଇ ଥିଲେ । ଘର ଚଳାଇବା ପାଇଁ ଅବଦୁଲ କାଲାମ୍ ଖବର କାଗଜ ବିକ୍ରି କରୁଥିଲେ ? କାରଣ ସେ ଜାଣିଥିଲେ ଟଙ୍କା ତ ମିଳିବ କିନ୍ତୁ ବିକ୍ରି କରିବା ପାଇଁ ଘରକୁ ଘର ଯିବା ମଧରେ ପୂରା ଖବର କାଗଜ ପଢିପାରିବେ । ଅବଦୁଲ କାଲାମ୍ ଯେତେବେଳେ ପଢୁଥିଲେ ତାଙ୍କ ପାଖରେ କିରୋସିନିରେ ଜଳୁଥିବା ଲଣ୍ଠନ ଥିଲା । ଯେଉଁଥିରେ ବହୁତ କମ୍ କିରୋସିନ୍ ଥିଲା । ତାଙ୍କ ବାପା ମାଆ ଅନ୍ଧାରରେ ରହି ମଧ ବଦୁଲ କାଲାମଙ୍କୁ ପଢିବା ପାଇଁ ଆଲୋକର ବ୍ୟବସ୍ଥା କରାଇଥିଲେ । ସେତେବେଳେ ସେ ପଂଚମ ଶ୍ରେଣୀରେ ପଢୁଥିଲେ ସେତେବେଳେ ତାଙ୍କର ବିଜ୍ଞାନ ଶିକ୍ଷକ ସୁବ୍ରତର ମଧ୍ୟମ ଆୟର ପିଲାମାନଙ୍କୁ ଶିଖାଉଥିଲେ ଯେ ପକ୍ଷୀ କିପରି ନିଜ ଡ଼େଣା ଦ୍ୱାରା ଉଡୁଛି । ପିଲାମାନେ କିଛି ବୁଝି ପାରୁ ନ ଥିଲେ । ଯେତେବେଳେ ସେ ପିଲାମାନଙ୍କୁ ନଦୀ କୂଳକୁ ନେଇଗଲେ ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖାଇଲେ । ଯାହାଦ୍ୱାରା ଅବଦୁଲ୍ କାଲାମ୍ ବିମାନ ଗତି ବିଜ୍ଞାନ (ଏରୋନେଟିକ୍ସ) ବିଷୟରେ ବୁଝି ପାରିଥିଲେ । ଅବଦୁଲ କାଲାମ ତାଙ୍କ ହାଇ ସ୍କୁଲ ଶିକ୍ଷା ରାମ ନାଥପୁରମର ସ୍ୱାର୍ଟ୍ଜ ହ୍ଲାଇଅର ସେକେଣ୍ଡାରୀ ସ୍କୁଲଠାରୁ କରିଥିଲେ । ଯଦି ତମେ ସୂର୍ଯ୍ୟପରି ଆଲୋକିତ କରିବାକୁ ଚାହୁଁଛ ପ୍ରଥମେ ସୂର୍ଯ୍ୟ ଭଳି ଜଳିବାକୁ ପଡ଼ିବ । ହାଇ ସ୍କୁଲ ଶିକ୍ଷାକୁ ପୂରା କରିସାରିବା ପରେ ଅବଦୁଲ କାଲାମ ମାଡ୍ରାସ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି କଲେଜଠାରେ ଏରୋନେଟିକ୍ସ ଇଞ୍ଜିନିୟରିଂ ଶିକ୍ଷା କରୁଥିଲେ । କଲେଜରେ ତାଙ୍କୁ ବିମାନ ଡ଼ିଜାଇନ୍ କରିବାର ପ୍ରକଳ୍ପ ମିଳିଥିଲା । ବିମାନ ଡ଼ିଜାଇନ୍ କରିବାରେ ଲାଗି ପଡ଼ିଲେ । ସେ ଯେଉଁ ଡ଼ିଜାଇନ୍ ପ୍ରସ୍ତୁତ କରିଥିଲେ ତାହା ତାଙ୍କ ପ୍ରଫେସରଙ୍କୁ ବସନ୍ଦ ଆସିଲା ନାହିଁ । ପ୍ରଫେସର୍ ଗୋଟେ ଭଲ ଡ଼ିଜାଇନ୍ ପ୍ରସ୍ତୁତ କରିବା ପାଇଁ ତିନିଦିନ ସମୟ ଦେଇଥିଲେ । ସେ ତିନି ଦିନ ମଧରେ ଅବଦୁଲ କାଲାମ ଏକ ଭଲ ଡ଼ିଜାଇନର୍ ଯୁଦ୍ଧ ବିମାନ ପ୍ରସ୍ତୁତ କରିଥିଲେ । ତାଙ୍କୁ ବାୟୁସେନା ଯିବା ପାଇଁ ଆଗ୍ରହ ଥିଲା । ବାୟୁ ସେନାର ମୁଖ୍ୟ କାର୍ଯ୍ୟାଳୟ ଭାରତର ଡ଼େରାଡୁନ୍ ଠାରେ ଅବସ୍ଥିତ । ସେ ଡ଼େରାଡୁନ୍‌କୁ ଗଲେ । ସେଠାରେ ପଚିଶ ଜଣ ପରିକ୍ଷାର୍ଥୀ ଉପସ୍ଥିତ ଥିଲେ । ପଚିଶ ଜଣଙ୍କ ମଧରୁ ଆଠ ଜଣଙ୍କୁ ବାୟୁ ସେନାରେ ଯିବା ପାଇଁ ଅନୁମତି ମିଳଗଲା । ଅବଦୁଲ୍ କାଲାମ୍‌ଙ୍କ ର୍ୟାଙ୍କ ୯ନଂ ଥିବାରୁ ସେ ବାୟୁ ସେନାରେ ଯାଇ ପାରିଲେ ନାହିଁ । ଡ଼େରାଡୁନ୍ ପରେ ରିଷିକେଷ ଆସିଥାଏ । ରିଷିକେଶ ଯାଇ ଅବଦୁଲ କାଲାମ୍ ସ୍ୱାମୀ ବିବେକାନନ୍ଦ ପାଖିକୁ ଗଲେ । ସ୍ୱାମୀ ଶିବାନନ୍ଦ ଅବଦୁଲ କାଲାମଙ୍କୁ ଗୀତା ପଢିବାକୁ ଦେଇଥିଲେ । ଅବଦୁଲ କାଲାମ୍ ଯେତେବେଳେ ଦିଲ୍ଲୀ ଫେରି ଆସିଲେ । ଭାରତର ପ୍ରତିରକ୍ଷା ଗବେଷଣା ବିକାଶ କେନ୍ଦ୍ର (**DRDO**)ର ମୁଖ୍ୟ ଥିଲେ ତାଙ୍କ ସହିତ ବିକ୍ରମ ସାରା ଭାଇ ମଧ ପ୍ରତି ରକ୍ଷା କ୍ଷେତ୍ରରେ ବିକାଶ ପାଇଁ ଚେଷ୍ଟା କରୁଥିଲେ । ୧୯୬୩ ମସିହାରେ ତାଙ୍କୁ ନାସା ଯିବା ପାଇଁ ଚୟନ କରାଯାଇଥିଲା । ଛଅ ମାସର ପ୍ରଶିକ୍ଷଣ ପାଇଁ ନାସାକୁ ଯାଇଥିଲେ । ଭାରତରେ ଇସ୍ରୋ(ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ସେଂଟର) ପ୍ରତିଷ୍ଠା କରିଥିଲେ । ଇସ୍ରୋର ପ୍ରଥମ କାର୍ଯ୍ୟାଳୟ

ସେଂଟ୍‌ମେରି ନ ଚର୍ଚ୍ଚ କୁ ରୂପାନ୍ତରିତ କରି ପ୍ରସ୍ତୁତ କରିଥିଲେ । ନାସାରୁ ଟ୍ରେନିଙ୍ଗ୍ ପୂରା କରି ଆସିଥିବା ବୈଜ୍ଞାନିକମାନେ ସେଠାରେ ନିଜର କାର୍ଯ୍ୟ କରୁଥିଲେ । ସମୁଦ୍ର କୂଳରେ ରକେଟ୍‌ର ଲଂଚ୍‌ପ୍ୟାଡ୍ ପ୍ରସ୍ତୁତ କରିଥିଲେ । ଗୋଟିଏ ମହଳରେ ଲାବୋରେଟରୀ ପ୍ରସ୍ତୁତ କରିଥିଲେ । ସାଇକେଲ ଓ ଶଗଡ଼ ଗାଡ଼ି ଦ୍ୱାରା ରକେଟକୁ ପରିବହନ କରାଯାଇ ଗୋଟିଏ ତାଳ ଗଛରେ ଯୋଡ଼ା ଯାଇଁ ଭାରତର ପ୍ରଥମ ରକେଟ ଲଂଚ କରାଯାଇଥିଲା । ୧୯୬୯ ମସିହାରେ ଅବଦୁଲ କାଲାମ୍ ଇଷ୍ଟ୍ରୋର ଡ଼ାଇରେକ୍ଟର ହୋଇଯାଇଥିଲେ । ସେ ଭାବିଲେ ଇସ୍ରୋ ଦ୍ୱାରା ଭାରତରେ ଏସ୍ ଏଲଭି ସାଟେଲାଇଟ୍ ଲଂଚ ଭେଇକଲ ପ୍ରକ୍ଷେପଣ କରାଯିବା ଉଚିତ । ଏସ୍ ଏଲ୍ ଭି ଦ୍ୱାରା ସ୍ୟାଟେଲାଇଟ୍ କୁ ତାର ଅର୍ବିଟ ପର୍ଯ୍ୟନ୍ତ ପହଂଚାଇ ଦିଆଯାଏ । ଏସ୍‌ଏଲଭି ପାଇଁ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ସହାୟତା ମାଗିଥିଲେ । କିନ୍ତୁ ଇନ୍ଦିରାଗାନ୍ଧୀ କୌଣସି ଆର୍ଥିକ ସହାୟତା ପ୍ରଦାନ କରି ନ ଥିଲେ । ୧୯୬୯ ରୁ ୧୯୭୯ ପର୍ଯ୍ୟନ୍ତ ଦଶ ବର୍ଷ ଧରି ପରଶ୍ରମ କରି ଏସ୍‌ଏଲ୍ ଭି କୁ ପ୍ରସ୍ତୁତ କରିଥିଲେ । ଯାହା ଫେଲ ହୋଇଯାଇଥିଲା । ଆଉ ଦୁଇ ବର୍ଷ ଦିନ ରାତି ପରିଶ୍ରମ କରି ଅବଦୁଲ କାଲାମ ଏସ୍ ଏଲ୍ ଭି ର ସଫଳ ପରୀକ୍ଷଣ କରି ପାରିଥିଲେ । ୧୯୮୧ ମସିହାରେ ଅବଦୁଲ କାଲାମଙ୍କୁ ପଦ୍ମ ଭୂଷଣ ପୁରସ୍କାର ମିଳିଥିଲା । ଅବଦୁଲ କାଲାମ ଇସ୍ରୋ ଦ୍ୱାରା ଭାରତର ପ୍ରଥମ ଇଂଟିଗେଟେଡ୍ ମିଶାଇଲ ଅଗ୍ନି ର ସଫଳ ପରୀକ୍ଷଣ କରିଥିଲେ । ୧୯୮୫ ମସିହାରେ ତ୍ରିମୁଳ ନାମକ ମିଶାଇଲ ଲଂଚ କରିଥିଲେ । ୧୯୯୩ ମସିହାରେ ପି ଏସ୍‌ଏଲ୍ ଭି ଲଂଚ୍ କରିଥିଲେ । ଯାହାଦ୍ୱାରା ଇସ୍ରୋ ପ୍ରତି ୧୦ଟଙ୍କା କମଖର୍ଚ୍ଚରେ ମଙ୍ଗଳ ଗ୍ରହ ପର୍ଯ୍ୟନ୍ତ ପହଂଚି ପାରିଥିଲା । ୨୦୧୧ ମସିହା ରେ ଅବଦୁଲ କାଲାମ୍ ଗୋଟିଏ ପି ଏସ୍ ଏଲ୍ ଭି ରକେଟ ଦ୍ୱାରା ଶହେଚାରିଟି ସ୍ୟାଟେଲାଇଟ୍ ଲଂଚ କରିଥିଲେ । ୧୯୬୦ ମସିହାରେ କୌଣସି ଦେଶ ଭାରତକୁ ମହାକାଶ ଟେକ୍ନୋଲୋଜି ଦେବାରେ ସାହାର୍ଯ୍ୟ କରୁ ନ ଥିଲା । ବର୍ତ୍ତମାନର ଇସ୍ରୋ ପାଖକୁ ସମଗ୍ର ବିଶ୍ୱର ସ୍ୱେଷ ଏଜେନ୍ସି ନିଜର ସ୍ୟାଟେଲାଇଟ୍ ଲଂଚ୍ କରିବାକୁ ଆସୁଛନ୍ତି । ୧୯୭୮ ମସିହାରେ ଅବଦୁଲ କାଲାମ ଅପରେସନ ଶକ୍ତି ନାମରେ ଭାରତର ପ୍ରଥମ ପରମାଣୁ ପରୀକ୍ଷଣ କରିଥିଲେ । ଫ୍ରାନ୍ସ, ଆମେରିକା, ରୁଷିଆ ଓ ଚୀନ ଉପରେ ଭାରତ ପରମାଣୁ ଶକ୍ତିରେ ଛଅ ନଂ ସ୍ଥାନ ଅଧିକାର କରିଥିଲା । ୨୭ ଜୁଲାଇ ୨୦୧୫ ମସିହାରେ ଅବଦୁଲ କାଲାମଙ୍କର ଦେହାନ୍ତ ହୋଇଯାଇଥିଲା ।

***

## ଚମତ୍କାରୀ ଦାରୁ

ନାମ - ସୌମ୍ୟ ରଂଜନ ଲେଙ୍କା
ଶ୍ରେଣୀ - ନବମ (ଭରଦ୍ୱାଜ)

ଗୋଟିଏ ଗ୍ରାମରେ ଗଣେ ଗରିବ କାଠୁରିଆ ଥିଲା । ସେ ଦିନର କାଠ ହାଣିବାକୁ ଯାଇ ନିଜର ଛୋଟ ସଂସାରଟିକୁ ଚଳାଏ । ବଣରୁ କାଠ ହାଣି ବଜାରରେ ଯାଇ ବିକ୍ରି କରେ । ସେଥିରୁ ଯାହା ମୂଲ୍ୟ ମିଳେ ତାହାକୁ ସେ ତାର ସଂସାରର ଭରଣ ପୋଷଣ କରିଥାଏ । ପ୍ରତିଦିନ ଭଳି ସେ ବଣକୁ କାଠ ହାଣିବାକୁ ଯିବା ସମୟରେ ହଠାତ୍ ଦିନେ ପ୍ରବଳ ବର୍ଷା ହେଲା । ପ୍ରବଳ ବର୍ଷା ହେତୁ ଗଛରେ କାଠ ଗୁଡ଼ିକ ଓଦା ହୋଇଯାଇଥିଲା ।  ସେ ସେହି କାଠକୁ ଓଦା ହୋଇଥିବା ଦେଖି ବହୁତ ଭାଙ୍ଗି ପଡ଼ିଥିଲା, ଓ ତା'ର ପିଲାଛୁଆଙ୍କ ପେଟ ପୋଷିବା ପାଇଁ ବହୁତ ଚିନ୍ତାରେ ପଡ଼ିଯାଇଥିଲା । ହଠାତ୍ ସେ ସେହି ବଣରେ ଗୋଟିଏ ମନ୍ଦିର ଦେଖିଲା । ସେଠାକୁ ଦୌଡ଼ିଯାଇ ଓଦା ହେବାରୁ ମୁକ୍ତି ପାଇଲା । ସେଠାରେ ବସି ସେ ଚିନ୍ତା କରୁଥିବା ସମୟରେ ସେହି ମନ୍ଦିରରେ ତିନୋଟି କାଠ ମୂର୍ତ୍ତିକୁ ଦେଖିଲା । ସେ ଥିଲା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ତିନି ମୂର୍ତ୍ତି । ଓଦା କାଠକୁ ଦେଖି ଭାଙ୍ଗିପଡ଼ିଥିବା ସମୟରେ ଏହି ଶୁଖିଲା କାଠକୁ ଦେଖି ତା ମନୋବଳ ଜାଗି ଉଠିଲା । ସେ ତାର କୁରାଢ଼ୀକୁ ନେଇ ସେହି ଶୁଖିଲା କାଠ ମୂର୍ତ୍ତିକୁ ହାଣିବାକୁ ଗଲା । କାଠ ହାଣିବାକୁ କୁରଢ଼ୀ ଉଠାଇବା ସମୟରେ ହଠାତ୍ ସେଠାରେ କେହି ଜଣେ ଅଜଣା ବ୍ୟକ୍ତି ପଦାର୍ପଣ କଲେ । କିନ୍ତୁ ସେହି ଗରିବ ମୂର୍ଖ କାଠୁରିଆଟି ଜାଣିପାରି ନଥିଲା, ସେ ଥିଲେ ପ୍ରଭୁ ଜଗନ୍ନାଥ । ତେଣୁ ପ୍ରଭୁ ଜଗନ୍ନାଥ । ତେଣୁ ପ୍ରଭୁ ଜଗନ୍ନାଥ ତାକୁ ପଚାରି ଥିଲେ "ତୁମେ ଏଠାରେ କ'ଣ କରୁଛ" ? ତାଙ୍କର ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କାଠୁରିଆଟି କହିଲା "ମୁଁ ଏହି ଶୁଖିଲା କାଠକୁ ହାଣି ବଜାରରେ ବିକ୍ରି କରି ମୋର ସଂସାର ଚଳାଇବି ଓ ମୋର ପିଲାଙ୍କ ପେଟ ପୋଷିବା ପାଇଁ କିଛି ଖାଦ୍ୟ ନେବି ।" ଏହା ଶୁଣି ପ୍ରଭୁ ଜଗନ୍ନାଥ ତାକୁ କହିଲେ ତୁ ଆଉ କାଠ ହାଣିବାକୁ ଆସିବୁ ନାହିଁ ଯାଆ  ଏହି ମନ୍ଦିର ଚାରିପାଖରେ ବୁଲି ଆସିବୁ । ମନ୍ଦିର ପଛପଟେ ଗୋଟିଏ ବଡ଼ ପାତ୍ର ଥିବ । ସେଥିରେ ଯାହା ଥିବ ତାକୁ ନେଇ ତୁ ପେଟ ପୋଷିବୁ । କାଠୁରିଆଟି ସେହି କଥାଶୁଣି ଆଶ୍ଚର୍ଯ୍ୟ ହୋଇ ମନ୍ଦିର ପରିକ୍ରମା କରି ମନ୍ଦିର ପଛପଟେ ଏକ ପାତ୍ର ଦେଖିଲା ଓ ସେଥିରେ ଥିବା ଏକ ସେର ଚାଉଳ ଓ ୫ଟି କଉଡ଼ିକୁ ନେଇ ଖୁସିମନରେ ଘରକୁ ପ୍ରସ୍ଥାନ କଲା । ଏହିପରି ପ୍ରତିଦିନ ସେ ବଣକୁ ଆସି ସେହି ପାତ୍ରରୁ ଯାହା ପାଉଥିଲା ସେଥିରେ ତାର ସଂସାର ଚଳି ଯାଉଥିଲା । ହଠାତ୍ ସେ ଦିନେ ଏହି ସବୁ କଥାକୁ ତାର ପତ୍ନୀକୁ କହିଲା । ତାହା ଶୁଣି ତା ପତ୍ନୀ ଗ୍ରାମରେ ଥିବା ଅନ୍ୟ ସ୍ତ୍ରୀ ଲୋକ ମାନଙ୍କ ଆଗରେ କହିବାକୁ ଲାଗିଲା । ଏହି ଅସମ୍ଭବ କଥା ଶିଣି ମନ୍ଦିରରେ ପୂଜା କରୁଥିବା ବ୍ରାହ୍ମଣର ପତ୍ନୀ ମନରେ ଇର୍ଷା ଆସିଗଲା । ସେ ଯାଇ ବ୍ରାହ୍ମଣକୁ କହିଲା "ତୁମେ ଏତେ ଦିନ ହେବ ପୂଜା କରୁଛ, ଭଗବାନ ତୁମକୁ କେବେ ହେଲେ ଦର୍ଶନ ଦେଲେ ନାହିଁ" । ଏହି ସବୁ କଥା ଶୁଣି ହଠାତ୍ ବ୍ରାହ୍ମଣଟି ଗୋଟିଏ କୁରାଢ଼ୀ ନେଇ ସେହି ତିନି ମୂର୍ତ୍ତିକୁ ହାଣିବାକୁ ଚାଲିଗଲା । ଯେତେବେଳେ ସେ ତାର କୁରାଢ଼ୀଟିକୁ ଉଠାଇଲା ପୁନଶ୍ଚ ପ୍ରଭୁ ଜଗନ୍ନାଥ ସେଠାରେ ଆବିର୍ଭାବ ହୋଇଗଲେ ଓ ତାର ଏହି ମୂର୍ଖତା ଦେଖି ରାଗିଯାଇ କହିଲେ, "ତୁମେ ହିଠାରେ ପଥର ହୋଇଯାଅ" । ସେହିକ୍ଷଣି ସେ ସେଠାରେ ପଥର ହୋଇଗଲା ।

***

## ମା

ନାମ - ପ୍ରିୟଙ୍କା ବେହେରା
ଶ୍ରେଣୀ - ୯ମ(ବିଶ୍ୱାମିତ୍ର)

ମାଆ ମାଆ କହି କୋଳରେ
ତୋହର କେତେ ମୁଁ କରିଛି ଅଳି,
ଯେତେ ଭୁଲ କଲେ ଦିନଟିଏ ମୋତେ
ଦେଇ ନାହୁଁ ଜମା ଗାଳି ।।
ଝୁଂଟି ପଡ଼ିଲେ ମୁଁ ଆହା ବୋଲି କହି
ନେଇଛୁ କୋଳରେ ଟୋଳି,
ଚଉଁରାର ମାଟି ମଥାରେ ମୋହର
ଦେଇଛୁ କେତେ ତୁ ବୋଳି ।।
ଦେହଟା ଯଦି ମୋ ଗରମ ଲାଗଇ
ମନ ତୋର ମାନେ ନାହିଁ,
ଘଡ଼ି ଘଡ଼ି ଖାଲି ମଥାରେ ମୋହର
ହାତ ମାରୁ ଥାଉ ତୁହି ।।
ଜର ହୋଇଗଲେ କେବେ କେବେ ଥରେ
କେତେ ମାନସିକ କରୁ,
ଦାଣ୍ଡ ଦୁଆରକୁ ଆସି ଚାହୁଁଥାଉ
ବାହାରି ଗଲେ ମୁଁ ଘରୁ ।।
ମନ ଜାଣି ମୋତେ ଖାଇବାକୁ ଦେଉ
ମିଠା ମିଠା କଥା କହି,
ଅନେକଙ୍କ ସାଥେ କରିଅଛୁ କଳି
କେବଳ ମୋହରି ପାଇଁ ।।
ଆଜି କାହିଁ ମୋର ଭାରି ମନେ ପଡ଼େ
ମାଆଲୋ ତୋହରି କଥା,
ଲାଗୁଛି ଯେମିତି ମୋ ପାଖେ
ବସି ତୁ ଆଉଁସି ଦେଉଛୁ ମଥା ।।

***

## ଆସ ଶିଖିବା

ନାମ - ଶୁଭ୍ରାଂଶୁ ଶେଖର ଷଡ଼ଙ୍ଗୀ
ଶ୍ରେଣୀ - ସପ୍ତମ(ବିଶ୍ୱାମିତ୍ର)

ଫୁଲଠାରୁ ଶିଖିବା ହସ ଆଉ ମମତା
ଫଳ ଠାରୁ ଶିଖିବା ସଦାବେଳେ ନମ୍ରତା ।।
ବୃକ୍ଷ ଠାରୁ ଶିଖିବା ଦାନ ଧର୍ମ କରିବା
ଲତା ଠାରୁ ଶିଖିବା ଅନ୍ୟ ସହ ମିଶିବା ।।
ମେରୁ ଠାରୁ ଶିଖିବା ଦୃଢ ହୋଇ ରହିବା
ଦୀପ ଠାରୁ ଶିଖିବା ନିଜେ ଜଳି ହସିବା ।।
ସୂର୍ଯ୍ୟ ଠାରୁ ଶିଖିବା ସଦା ଜାଗି ରହିବା
ଧରା ଠାରୁ ଶିଖିବା ସବୁ କିଛି ସହିବା ।।
ଏହି ସବୁ ସଦ୍‌ଗୁଣ ଆମେ ଯଦି ଶିଖିବା
ଜୀବନକୁ ଭଲ କରି ଆମେ ଗଢି ପାରିବା ।।

***

## ଟିକି ଫୁଲ

ନାମ - ସ୍ୱର୍ଣ୍ଣପ୍ରଭା ସାହୁ
ଶ୍ରେଣୀ - ସପ୍ତମ(ଭରଦ୍ୱାଜ)

ଟିକି ଫୁଲଟି ମୁହିଁରେ
ଏଇ ଧରାରେ ଫୁଟୁଛି ।।
ରଙ୍ଗ ବେରଙ୍ଗ ଛିଟାରେ
ମୋର ଶରୀର ହସୁଛି ।।
ମହମହ ମୋର ବାସ୍ନାରେ
ସବୁରି ମନ ମୋହୁଛି ।।
ହସହସି ଖେଳ ଖେଳି
ଅଗଣାରେ ମୁଁ ବୁଲୁଛି ।।
କରିବିନି ଭେଦଭାବ
ସବୁରି ପ୍ରିୟ ସାଜିଛି ।।
ଜଗତେ ହସ ଫୁଟାଇବି
କୁନି ଓଠରେ କହୁଛି ।।
ହସାଇବି ସାରା ଜଗତ
ଆଜି ଶପଥ ନେଉଛି ।।
ଟିକି ଫୁଲଟି ମୁହିଁରେ
ଏଇ ଧରାରେ ଫୁଟୁଛି ।।

***

## ପାଠ ସରେ ନାହିଁ

ନାମ- ସାଇ ଶୁଭମ୍ ସାମଲ
ଶ୍ରେଣୀ - ପ୍ରଥମ (ବାଲ୍ମୀକି)

ମାଆ ତ ମୋହର ସଜାଇ ଦିଅନ୍ତି
ଯିବି ମୁହିଁ ପାଠ ପଢି,
ପାଠ ମୁଁ ପଢିବି ବଡ଼ ହୋଇଯିବି
ଆଗକୁ ଯିବି ମୁଁ ମାଡ଼ି
ମାଆ ପାଦ ଛୁଇଁ ପଢିବାକୁ ଗଲେ
ପାଠ ମୋର ଭଲ ହୁଏ
ମାଆର ପଣତ ଜ୍ଞାନର ଭଣ୍ଡାର
ମନଦେଇ ପଢୁଥାଏ
ଅମୂଲ୍ୟ ରତନ ପାଠ ମହାଧନ
ସବୁଠି ଆଦର ପାଏ
ଅଶାନ୍ତ ମନକୁ ଶାନ୍ତ କରିଦିଏ
ପାଠକୁ ମୁଁ ଭଲପାଏ
ଜ୍ଞାନ ବିଜ୍ଞାନକୁ ଆପଣେଇ ନେଇ
ପାଠେଧ୍ୟାନ ରଖିଥିବି,
ମାତାପିତାଙ୍କର ଆର୍ଶୀବାଦ ପାଇ
ସୁବାସ ଛୁଟାଇ ଦେବି ।

***

# ପ୍ରଭାତ ପ୍ରତିଜ୍ଞା

ନାମ - ପ୍ରଗତି ସ୍ୱୟଂପ୍ରଭା ସ୍ୱାଇଁ
ଶ୍ରେଣୀ - ୧୦ମ

ରାତି ପାହିଲେ ସକାଳ ହୁଏ
ପୂରୁବେ ହସନ୍ତି ରବି ।
କ୍ଷେତବାଡ଼ି ଓ କାନନ ଶୋହେ
ଅପୂର୍ବ କେତେ ଛବି ।।
କୁକୁଡ଼ା ଭାଇ ଭାଡ଼ିରୁ ଡ଼ାକେ
କେତେ ଶୋଇବ ଉଠ
କାକା' କହି କାଉ ନାନୀଟି
କହେ ନ କର ମଠ ।।
ପକ୍ଷୀ କାକଳି ଜନଗହଳି
ପ୍ରଚାରେ ନିଶାର ଶେଷ
ଅଳସ ଛାଡ଼ି ଉଠରେ ସବୁ
କାମ ସାରିବା ଆସ ।।
ହଳବଳଦ ସାଜ କରିଣ
ଚଷା ଗଲାଣି ବିଲେ
ଗାଧୁଆ ଖିଆ ସଅଳ ସାରି
ଇସ୍କୁଲ ଯିବେ ପିଲେ ।।
ଚୂଲି ମୁଣ୍ଡରେ ଖଡ଼ିକା ଧରି
ମା' କଲାଣି ପିଠା
ତା' ହାତ ରନ୍ଧା ସୁଆଦ ଭାରି
ଲାଗଇ କେତେ ମିଠା ।।
ଏଇ ସକାଳେ ଆସରେ ପିଲେ
କରିବା ଏକ ପଣ
ଦେଶ ଜାତିର ମାନ ପାଇଁକି
ଦେଇ ଦେବାରେ ପ୍ରାଣ ।।
ମାଟି ମାଆର ସେବା କରିବା
ଜୀଇଁବା ଯେତେ ଦିନ
ଦୁଃଖୀ ଦେବା ହଟାଇ
ସତ କର୍ମ କରିଣ ।।
ତାର ଦୋଷକୁ ଦେଖିବା ଆଗୁ
ଦେଖିବା ନିଜ ଦୋଷ
ନିଜକୁ ନିଜେ ସଜାଡ଼ି ନେଲେ
ସୁନା ହୋଇବ ଦେଶ ।।

***

# ମାଟି ଆମ ପରିଚୟ

ନାମ - ଇପ୍‌ସିତା ଲେଙ୍କା
ଶ୍ରେଣୀ - ନବମ(ଭରଦ୍ୱାଜ)

ମାଟିର ମହତ୍ତ୍ୱ କିଏ ସେ ବୁଝିବ,
କିଏ ବା ଦେବ ତା ମୂଲ,
ମାଟି ପରା ଅଟେ ମାତୃଭୂମି ଆମ
ତା ଆଗେ ସବୁ ଅମୂଲ । ୧ ।
ମାଟିର ଦେହରେ ଗୋଳି ହୋଇ ପୁଣି
ଶିଶୁଟେ ଆନନ୍ଦ ଲଭେ,
ପିଲାଦିନ ଧୂଳି ଖେଳରେ ଜୀବନ
ମନେରଖନ୍ତି ସରବେ । ୨ ।
ବୀର ଯବାନର ପାଇଁ କିଏ ମାଟି
ଅଟଇ ମାଆ ସମାନ
ଖାତିର ନ କରି ଜୀବନକୁ ତା'ର
ରଖଇ ଏ ମାଟି ମନ । ୩ ।
କୁମ୍ଭାର ପାଇଁକି ଏ ଦେଶର ମାଟି
ଅଟଇ ଯେ ଭାତ ହାଣ୍ଡି,
ମାଟିର ଦେହରେ ଭରଇ ଜୀବନ
ଆଉ କେ ତା'ଠାରୁ ବଳି ? । ୪ ।
କୃଷକଟେ ପାଇଁ ମାଟିର ଶରଧା
ରହିଛି କେଉଁ କାଳରୁ,
ବରଷା ପାଣିରେ କାଦୁଅ ମାଟିରେ
ଫଳାଏ ସେ ଶସ୍ୟ ତରୁ । ୫ ।
ଗୃହଣୀଟିଏର ମାଟି ଆଦର
ମାଟିକାନ୍ଥ ଲିପୁଥାଏ,
କେତେ ମନୋରମ ଝୋଟି ଚିତା ଆଙ୍କି
ସଭିଙ୍କର ମନମୋହେ । ୬ ।
ପାର୍ଥିବ ନିଶ୍ୱାସ କି ଅବା ବିଶ୍ୱାସ
ନିଏ ସେ ଦିନେ ବିଦାୟ,
ମାଟିର ଦେହ ଏ ମାଟିରେ ମିଶଇ
ମାଟି ଆମ ପରିଚୟ । ୭ ।

***

# ବନ

ନାମ - ମାନସ ରଂଜନ ପ୍ରଧାନ
ଶ୍ରେଣୀ - ନବମ(ଭରଦ୍ୱାଜ)

ଧରଣୀର ଶୋଭା ଅଟଇ ବନ,
ସେହିତ ରଖିଛି ଜୀବଙ୍କ ପ୍ରାଣ ।
ବଣର ଜୀବନ ସୁଖ ସପନ,
ସଭିଙ୍କୁ ମଣଇ ଆପଣା ଜନ ।
ପ୍ରାଣ ବାୟୁ ପରା ସେହି ଦିଅଇ,
କାହାରିକୁ କିଛି ମାଗଇ ନାହିଁ ।
ବନକୁ ଯିଏ ସେ କରେ ଆଦର
ରହେ ନାହିଁ କିଛି ଅଭାବ ତା'ର ।
କେତେ ପ୍ରାଣୀଙ୍କର ଅଟଇ ବାସ,
ଦିଶୁଥାଏ ଆହା କେଡ଼େ ସରସ ।
ବରଷା କରାଏ ଜୀବଙ୍କ ଲାଗି,
ସେ ମେଘମାନଙ୍କୁ ପାଖକୁ ଡ଼ାକି ।
ବନ ପାଇଁ ଗଛ ଲଗାଅ ଭାଇ,
ସବୁଜ ଧରଣୀ ଗଢିବା ପାଇଁ ।

***

## ସୁନ୍ଦର ଦିଶଇ

**ନାମ - ପ୍ରଭାସ ରଂଜନ ଦାସ**
**ଶ୍ରେଣୀ - ୯ମ(ବିଶ୍ୱାମିତ୍ର)**

ସୁନ୍ଦର ଦିଶଇ ନଇରେ ନାଉରୀ
ବାହୁଥାଏ ଯେବେ ନାଆ ।
ସୁନ୍ଦର ଦିଶଇ ଶିଶୁଟିକୁ କୋଳେ
ଧରିଥାଏ ଯେବେ ମାଆ ।୧ ।
ସୁନ୍ଦର ଦିଶଇ ପାହାଡ଼ି ଝରଣା
ବରଷାରେ ଗଲେ ଝରି ।
ସୁନ୍ଦର ଦିଶଇ ରାସ୍ତା କଡ଼େ ଯେବେ
ଗଛ ଥାଏ ଧାଡ଼ି ଧାଡ଼ି ।୨
ସୁନ୍ଦର ଦିଶଇ ବଗିଚାରେ ଯେବେ
ଫୁଲ ହସୁଥାଏ ଫୁଟି ।
ସୁନ୍ଦର ଦିଶଇ ଗାଁ ଦାଣ୍ଡେ ପିଲେ
ଖେଳୁଥିଲେ ଗୋଟି ଗୋଟି ।୩ ।
ସୁନ୍ଦର ଦିଶଇ ସବୁଜ ଫସଲ
ଫୁଲ ଫଳ ଭରା କ୍ଷେତ ।
ସୁନ୍ଦର ଦିଶଇ ମନ୍ଦିର ଉପରେ
ଉଡୁଥାଏ ଯେବେ ନେତ ।୪ ।
ସୁନ୍ଦର ଦିଶଇ ପଡ଼ିଥାଏ ଯେବେ
ଘାସରେ କାକର ବିନ୍ଦୁ ।
ସୁନ୍ଦର ଦିଶଇ କୂଳକୁ ଲହରୀ
ମାଡ଼ିଆସେ ଯେବେ ସିନ୍ଧୁ ।୫ ।
ସୁନ୍ଦର ଦିଶଇ ପୂରୁବ ସୂରଜ
ଆସୁଥାଏ ଯେବେ ଉଇଁ ।
ସୁନ୍ଦର ଦିଶଇ ସବୁଠାରୁ ବେଶୀ
ମୋତେ ମୋ ଜନମ ଭୂଇଁ ।୬ ।

***

## କରୋନାର କରୁଣା

**ନାମ - ସୁଦେଶ ବେହେରା**
**ଶ୍ରେଣୀ - ସପ୍ତମ**

କିଏ କହେ ତାକୁ ମହାମାରୀ ବୋଲି କିଏ କହେ ଭାଇରସ
କେତେ ଯେ ଜୀବନ ଚାଲିଗଲା ପୁଣି ମଣିଷ ହେଲେ ହତାସ ।
କରୋନା ଆସିଲା ଚାଇନାଠାରୁ ତ ବ୍ୟାପିଗଲା ସାରା ବିଶ୍ୱ,
ଜୀବନ ଜୀବିକା ଛଡ଼ାଇ ନେଲା ସମସ୍ତେ ହୋଇଲେ ନିଃସ୍ୱ,
ଶହେ ବରଷର ମହାମାରୀ ଆସି ରଚିଲା ଯେ ଇତିହାସ
ଦୁଇଟି ଲହର କରୋନା ଆସିକି ହଜାଇଲା ସବୁ ହସ
ସହର , ବଜାର, ମନ୍ଦିର, ପାର୍କ ଶିକ୍ଷାୟତନ ଯେତେ
ସରକାରଙ୍କର ଚିନ୍ତା ବଢ଼ାଇଲା ଏସବୁ ଖୋଲିବେ କେମନ୍ତେ
ସହରୀ ସଭ୍ୟତା ମୋହରେ ସମସ୍ତେ ଭାସୁଥିଲେ ଦିନରାତି
କରୋନା ଆମକୁ ଶିଖାଇଲା ଆଜି ସ୍ନେହ, ପ୍ରେମ, ଭ୍ରାତୃପ୍ରୀତି
ପରିଷ୍କାର ପରିଚ୍ଛନ୍ନ ଆଉ ଚାଲି ଚଳନର ଆକଟ
ଗୁରୁଜନ କଥା ନ ମାନି ସମସ୍ତେ କରୁଥିଲେ କେତେ ନାଟ ।
କରୋନା ଭୟରେ ସଭିଏଁ ଯେ ଏବେ ମାନନ୍ତି ଏ ସବୁ କଥା
ବିଶ୍ୱର ମଙ୍ଗଳ ସର୍ବାଙ୍ଗୀନ ଖୁସି ନ ହେଲେ ହେବ ଅନ୍ୟଥା
ଆମ୍ଭେ ଶିଶୁମାନେ ଚାହିଁ ବସିଅଛୁ କେବେ ବିଦ୍ୟାଳୟ ଯିବୁ,
ଅନ୍‌ଲାଇନ୍ କ୍ଲାସ୍ ଦେଇ ପାରିବକି ଶିକ୍ଷକଙ୍କର ସ୍ନେହ ସବୁ ?
ଡ଼ାକ୍ତର, ପୁଲିସ ବୈଜ୍ଞାନିକଙ୍କର ଅହରହ ସେବା, ଧ୍ୟାନ
ସବୁ ରାତିର ଥାଏ ସୁନ୍ଦର ସକାଳ ଏ କଥା ଯେ ସର୍ବେମାନ
ପୁଣି ଫେରିଆସୁ ପୁରୁଣା ସେଦିନ ଖୁସି ହେବ ସଭିଙ୍କ ମନ
ଜାତିର ଠାକୁର ଜଗନ୍ନାଥ ପ୍ରଭୁ ଦିଅନ୍ତୁ ସତ ସାହାସ
ଶାନ୍ତି, ମୈତ୍ରୀପ୍ରୀତି, ସଦ୍‌ଭାବନାର ଏ ଜଗତ ହେଉ ବଶ ।

***

## ଶିଶୁ

**ନାମ-ଦେବସ୍ମିତା ସ୍ୱାଇଁ**
**ଶ୍ରେଣୀ-୭ମ(ଭରଦ୍ୱାଜ)**

ଶିଶୁ ନ ଜାଣେ ଛନ୍ଦମନ୍ଦ, ଶିଶୁଟି ସାକ୍ଷାତ ଗୋବିନ୍ଦ,
ଶିଶୁ ନିର୍ମଳ ଗଙ୍ଗାଜଳ, ଶିଶୁଟି କୋମଳ କମଳ ।
ଶିଶୁକୁ ନ ମଣିବ ସାନ, ଶିଶୁଟି ଈଶ୍ୱର ସମ୍ମାନ,
ଶିଶୁ ପ୍ରହ୍ଲାଦ, ଧ୍ରୁବ କଥା, ଶୁଣିଲେ ମନୁ ହରେ ବ୍ୟଥା,
ଶିଶୁଟି ସତ୍ୟର ପ୍ରତୀକ, ଶିଶୁ ପରାଣେ ପ୍ରୀତିଭାବ ।
ଶିଶୁଟି ଶିବଶାନ୍ତ ବେଶ, ସରଳ ଶିଶୁ ଆଶୁତୋଷ,
ଶିଶୁ ସବୁଠୁ ଅନୁପମ, ଶିଶୁ ହିଁ ମଙ୍ଗଳ ବିଧାନ ।
ଶିଶୁ ବଢ଼ାଏ ସଦଭାବ, ଶିଶୁ ଅଭାବେ କିବା ଲାଭ ?
ଶିଶୁ ଭାବରେ ଜିଅଁ ସଦା, ଶିଶୁ ଭାବରେ ଦିଅଁ ସେବା
ଶିଶୁ କୁ ନ ପଡୁ ବିପତ୍ତି, ଶିଶୁଟି ସଂସାର ସମ୍ପତ୍ତି,
ଶିଶୁଟି ମାଗଇ ସୁରକ୍ଷା, ଶିଶୁ କୁ ନ କର ଉପେକ୍ଷା,
ଶିଶୁଟି କୋମଳ କଳିକା, ଶିଶୁ ଅମର ଦୀପଶିଖା ।
ଶିଶ ତ ସେନେହ କାଙ୍ଗାଳ, ଶିଶୁ ହିଁ ଆମର ମଙ୍ଗଳ,
ଶିଶୁ ବୁଝଇ ମନ କଥା, ଶିଶୁ ହରଇ ମାଆ ବ୍ୟଥା
ଶିଶୁ କଦାପି ମୂର୍ଖ ନୁହଁ, ଶିଶୁକୁ କିଆଁ ଗଧ କୁହ ?
ଶିଶୁ ଚାହେଁ ନା ଅପମାନ, ଶିଶୁର ଥାଏ ସ୍ୱାଭିମାନ,
ଶିଶୁକୁ ଦେଲେ ସନମାନ, ଶିଶୁ କରଇ କଲ୍ୟାଣ,
ଶିଶୁକୁ କରିଲେ କପଟ, ଶିଶୁର ବଢ଼ିବ ଅଝଟ
ଶିଶୁର ଚଂଚଳ ସ୍ୱଭାବ, ଶିଶୁ ଭାବରେ ବାନ୍ଧି ହେବ
ଶିଶୁ ବଢ଼ାଏ ମିତ୍ରଭାବ, ଶିଶୁ ଛଡ଼ାଏ ଶତ୍ରୁଭାବ ।

***

## ଅଭୁଲା ତାର ଛବି

ନାମ – ଶାନ୍ତନୁ କୁମାର ସାହୁ
ଶ୍ରେଣୀ – ୯ମ(ଭରଦ୍ୱାଜ)

ସକାଳ ହେଲେ ନିଇତି ଉଠେଁ
ପୂରବ ଦିଗେ ରବି
କେତେ ସୁନ୍ଦର ଗାଁଟି ମୋ'ର
ଅଭୁଲା ତା'ର ଛବି ।
ବିହଗ ସୁର କି ମନୋହର
ବାଦୁଡ଼ି ପଲ ପଲ
ପାଇକ ପିଲା ମାରଇ ଶୂନ
ସତେ କି ଅବା ମଲ୍ଲ ।
ଶ୍ୟାମଳ ବନ ସବୁଜ କ୍ଷେତ ।
ସୁନ୍ଦର ଦୃଶ୍ୟ ରାଜି
ମମତା ଭରା ସେନେହ ପ୍ରୀତି
ପଡୁଛି ମନେ ଆଜି ।
ଭାଇ ବନ୍ଧୁର ପ୍ରେମର ଡ଼ୋରି
ବାନ୍ଧି ରଖିଛି ମନ
ଗରିବ ହେଉ ମୂଲିଆ ହେଉ
ଭାଇ ମୋ ମହାଧନ
ରାମଚଣ୍ଡୀର ଶିଳା ଉପରେ
ପକାଇ ଦେଲେ ଆଖି
ମନ ହୃଦୟ ତରଳି ଯିବ
ଭକତି ଯିବ ଲାଖି
ମାଆ ମହିମା କିଏ ସେ ଅବା
ପାରିବ ଭଲା ମାପି
ଉଧାରି ଦେବ ବିପଦ ଯେତେ
ହେଉ ବା ମହାପାପୀ

***

## ବସନ୍ତ ଋତୁ

ନାମ – ପ୍ରୟାସ ମହାନ୍ତି
ଶ୍ରେଣୀ – ୮ମ(ବଶିଷ୍ଠ)

ବସନ୍ତ ଋତୁ ହେ ବସନ୍ତ ଋତୁ,
ସବୁ ଋତୁ ମଧ୍ୟେ ସାରତୁ ଅଟୁ ।
ଛଅ ଋତୁରେ ତୁ ଶ୍ରେଷ୍ଠ ସୁନ୍ଦର,
ପ୍ରକୃତିକୁ ତୁହି କରୁ ମଧୁର ।
ମଧୁମୟ ତୁହି, ଏତ ମଧୁମାସ
କାହିଁକି ପତ୍ର ଝଡ଼ା ଦିଏ ବାଉଁଶ ।
ବୃକ୍ଷଲତା ଗଣ ପଲ୍ଲବି ଉଠେ,
ସକାଳ ହୋଇଲେ କୋକିଳ ରାବେ ।
ତୁ ଆସିଲେ ଧରଣୀ ସବୁଜ ସୁନ୍ଦର,
ବିବିଧ ପୁଷ୍ପରେ ଆମ୍ବ ବଉଳର ସୁବାସ ଅପାର ।
ବାଡ଼ି ବଗିଚାରେ ନୂଆ ନୂଆ ଫଳ,
ସୁନ୍ଦର ଦିଶେ ଫୁଲ, ଫଳ ଭରା ତୋହରି କୋଳ ।
ବିବିଧ ପୁନେଇଁକୁ ସାଥିରେ ଆଣୁ,
ସଭିଙ୍କୁ ତୁହି ଏକତ୍ର କରୁ ।
ରାଧାକୃଷ୍ଣଙ୍କର ଯୁଗଳ ମୂରତି,
ମହାଶିବରାତ୍ରି, ବାସନ୍ତିଦୁର୍ଗାଙ୍କୁ ସାଥିରେ ଧରି ।
ଏତେ ଆନନ୍ଦ ଉଲ୍ଲାସେ ତୁ ହସାଉ,
ଚଇତି ପୁନେଇଁ ବିଦାୟ ନେଉ ।

***

## ଆସ ଲଗାଇବା ଗଛ

ନାମ – ଶ୍ରଦ୍ଧାଞ୍ଜଳି ନାୟକ
ଶ୍ରେଣୀ – ସପ୍ତମ(ଭରଦ୍ୱାଜ)

ଖରା ଖରା ବୋଲି ଚିତ୍କାର କରୁଛ
କରୁ ନାହଁ ପ୍ରତିକାର
ଜଙ୍ଗଲ କାହିଁକି ସଫା କର
ସବୁକିଛି ହାହାକର
ଲଗାଅନି କେବେ ଗଛଟିଏ ତୁମେ
ଏହି ପରିବେଶ ପାଇଁ
ତାପମାତ୍ରା ଯଦି ବଢିବଢି ଯାଏ
ବାଧୁଛି ତୁମକୁ କାହିଁ
ନିଜ ଗୋଡ଼େ ନିଜେ କୁରାଢି ମାରୁଛ
କାଟି କରିସବୁଗଛ
ଚେତା ପଶୁ ନାହିଁ ନିଆଁ ବରଷୁଛି
ନିଜେ ପରା କହୁଅଛ !
ରାସ୍ତାକଡ଼େ ତୁମେ ଗଛ ଲଗାଇଲେ
ରହିବା ଶାନ୍ତିରେ ପରା ।
ବରଷା ଦିନ ସେ ବରଷା ହୋଇବ
ଖରା ଦିନେ ହେବ ଖରା ।
ଆସ ଆଜି ଆମେ ଶପଥ କରିବା
ଲଗାଇବା ଆମେ ଗଛ ।
ସୁନ୍ଦର ଲାଗିବ ଆମ ଏ ଧରଣୀ
ପରିବେଶ ହେବ ସ୍ୱଚ୍ଛ ।

***

## ନିବେଦନ

ନାମ - ଆର୍ଯ୍ୟ ମହାପାତ୍ର
ଶ୍ରେଣୀ - ଦଶମ(ବିଶ୍ୱାମିତ୍ର)

ଦୀପଟିଏ ମୋତେ କରିଦିଅ ପ୍ରଭୁ
ଅନ୍ଧାରକୁ ମୁଁ ହେ ହରିବି
ତୁମ ପାଦଧୂଳି କରି ଆହେ ପ୍ରଭୁ
ମଣିଷ ଜନମୁ ତରିବି ।
ପ୍ରଭୁ ମଣିଷ ଜନମୁ ତରିବି ।।
ଫୁଲଟିଏ ମୋତେ କରିଦିଅ ପ୍ରଭୁ
ତୁମରି ପୂଜାରେ ଲାଗିବି
ନ ହେଲେ ନାଆଟେ କର ମୋତେ ପ୍ରଭୁ
ଜଗତର ସେବା କରିବି ।
ପ୍ରଭୁ ଜଗତର ସେବା କରିବି ।।
ଚନ୍ଦନ କାଠଟେ କରିଦିଅ ପ୍ରଭୁ
ଶୀତଳତା ମନେ ଭରିବି
କଅଁଳ ଓଠରେ ହସ ଧାରେ କର
ଦୁଃଖ ସନ୍ତାପକୁ ହରିବି ।
ପ୍ରଭୁ ଦୁଃଖ ସନ୍ତାପକୁ ହରିବି ।।
ଭଲ ବାଟ ମୋତେ ଦେଖାଅ ହେ ପ୍ରଭୁ
ତୁମକୁ ଯେଉଁଠି ପାଇବି
ଅନ୍ତରେ ଆନନ୍ଦ ଭରିଦିଅ ପ୍ରଭୁ
ତୁମରି କରମ କରିବି ।
ପ୍ରଭୁ ତୁମରି କରମ କରିବି ।।

***

## ସ୍ୱାଧୀନତା

ନାମ - ଆୟୁଷ୍ମାନ ମହାନ୍ତି
ଶ୍ରେଣୀ - ଦଶମ(ଭରଦ୍ୱାଜ)

ସ୍ୱାଧୀନ ରାଷ୍ଟ୍ରର ସ୍ୱାଧୀନ ସନ୍ତାନ
ଆମେରେ ଗୌରବାନ୍ୱିତ,
ଏହି ସ୍ୱାଧୀନତା ପଛେ ଅବିଶ୍ରାନ୍ତ
ଦୁଇଶ' ବର୍ଷର ଯୁଦ୍ଧ ।
କାଶ୍ମୀରଠାରୁ ଯେ କନ୍ୟାକୁମାରୀ
ପୂର୍ବ ବା ମଧ ଭାରତ
ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷେ, ଦେହେ
ବହେ ଭାରତୀୟ ରକ୍ତ ।
ଶତ ବଳିଦାନ ସହସ୍ର ଜୀବନ
କୋଟି ଲୁହ ଦେଇ,
ତ୍ୟାଗ ବିନିମୟେ ସ୍ୱରାଜ ମିଳିଲା
ଭାରତମାତାର ପାଇଁ ।
କେତେ ଯେ ସଂଗ୍ରାମୀ ଦେଶପ୍ରେମୀବୀର
ରକତକୁ କରି ପାଣି,
ଅଶ୍ରୁ-ଶ୍ରମ-ତପ ଜୀବନ ବଦଳେ
ସ୍ୱାଧୀନତା ଦେଲେ ଆଣି ।
ସବୁରି ଉଚ୍ଚରେ ଉଡୁଥାଉ ସଦା
ତ୍ରିରଙ୍ଗା ପତାକା ଆମ,
ନିଜ ସ୍ୱାର୍ଥ ଭୁଲି ଦେଶହିତ ପାଇଁ
କରାଯିବ ଆମେ କାମ ।

***

# हिन्दी बिभाग



## हिन्दी

नाम– प्रियदर्शनी राउत
कक्षा – १०वीं

माँ के ममता है हिन्दी.......
पिता की छाया है हिन्दी......

हिन्दुस्तान की पहचान है हिन्दी....
भारत माँ की शान है हिन्दी......

शहीद वीर सपूतों की भूमी है हिन्दी....
हर भारतीय का आधार है हिन्दी......

हिन्दुस्तान की शक्ती है हिन्दी.......
भगवान का आशीर्वाद है हिन्दी......

माँ की ममता है हिन्दी.......
पिताकी छाया है हिन्दी.......।।

***

## मेरा परिवार

नाम– कुनाल साह
कक्षा – १०वी

जैसे समाया है इस धरती पे सारा संसार
मेरी जान और विश्वास है मेरा परिवार।
माँ तो सबकी अच्छी होती है
पर जाने क्यों लगता है ऐसा
सबकी प्यार है तारे,
पर मेरी माँ की प्यार है चाँद के जैसा
पापा को तो है सबने पाया,
पर जाने क्यों लगता है ऐसा
मेरा पापा में है भगवान समाया
वो है मेरी जिन्देगी जैसा
पाये होंगे सबने बहन और भाई,
जाने फीर क्यों ऐसा है लगता
भाई बहन नहीं, हमने कोई दुआ है पाई
परिवार तो होता है सबका,
पर क्यों लगता है ऐसा,
मेरा परिवार है मेरे भगवान के जैसा
फूलों सी खुशियाँ जहाँ है मिलती
कोमल सी कलियाँ जहाँ है खिलती
सुन्दर तीतलियाँ के जैसा है ये संसार
ऐसा है मेरे लिए, मेरा परिवार।

***

## मैं खुश हूँ

नाम– ओम प्रकाश महला
कक्षा – ९वी

जिंदगी है छोटी, हर पल मैं खुश हूँ
काम में खुश हूँ, आराम में खुश हूँ
आज पनीर नहीं, दाल में खुश हूँ
आज गाडी नहीं, पैदल में खुस हूँ
दोस्तों का साथ नहीं, अकेला ही खुश हूँ
आज कोई नाराज है, उसकी इस अंदाज से खुश हूँ
जिसको देख नहीं सकता, उसकी आवाज से खुश हूँ
जिसको पा नहीं सकता, उसको सोचकर ही खुश हूँ
बिता हुआ कल जा चुका है, असकीमीठी याद में खुश हूँ
आनेवाला कल का पता नहीं है, इंतजार में खुश हूँ
हँसता हुआ बीत रहा है पल, आज मैं ही खुश हूँ
जिंदगी है छोटी, हरपल मैं खुश हूँ।

***

## विज्ञान ने की है हर कल्पना साकार

नाम– प्रियदर्शनी जेना
कक्षा – ७वी

विज्ञान है हमारा जीवन का आधार
विज्ञान ने की है हर कल्पना साकार
विज्ञान ने की है हर मुशिकल् आसान्
ज्ञान ने संसार को दिया एक नया अवतार
विज्ञान ने रची एक एसी माया
जिसमें है सारा संसार समाया
विज्ञान से संसार में फैला उजियारा,
इसके बिना होगा चारों ओर अंधियारा
विज्ञान का सद्युपयोग है वरदान
और दुपयोग है अभिशाप
विज्ञान है हमारे जीवन का आधार
विज्ञान ने की है हर कल्पना साकार।

***

## ये शिक्षक कहलाते हैं

नाम– साई कृपा साहु
कक्षा – ८वी

रोज सुबह मिलते हैं इनसे
क्या हमको करना है ये बतलाते हैं।
ले के तस्वीरें इन्सानों की
सही गलत का भेद हमें ये बतलाते हैं
कभी डांट तो कभी प्यार से,
कितना कुछ हमको ये समझाते हैं।
है भविष्य देश का जिन में,
रंगों की दुनिया से बहचान, ये करवाते हैं
खो ना जाये भीड में कहीं हम,
हम को हम से ही ये मिलवाते हैं
हार हार के फिर लडना ही जीत है सच्ची
ऐसा एहसास हमको करवाते हैं
कोशिश करते रहना हर पल,
जीवन का अर्थ हमें ये बतलाते हैं
देते हैं नेक मंजिल भी हमें
राह भी बेहतर हमें ये दिखलाते हैं
देते हैं ज्ञान जीवन का,
काम यही सब है इनका
ये शिक्षक कहलाते है, ये शिक्षक कहलाते हैं

***

## हमारी स्कुल

नाम– सुश्री शिवानी दास
कक्षा – १०वीं

कितनी सुन्दर हमारी स्कूल
हम बच्चे हैं सब इसमें फूल
शिक्षक इन वगिचे की माली
गलती हमारी देख के देते गाली
बडे बनने के सपने देखते हैं
इसलिए नई नई कहानी सुनाते हैं
जब हम मंजिल में पहुंच जाते हैं
उनकी हृदय खुसियों से खिल जाते हैं
प्यासे को जैसे मिलता पानी
शिक्षक है वही जिंदगानी
अपनी अनमोल शिक्षाको, वह हमें सिखाता यें
संस्कारों का पाठ पढायें
इसलिए सदा जपेंगे उनकी नाम
मंजील तक पहुँचना होगी आसान

***

## जिन्दगी

नाम– राजलक्ष्मी पृष्टी
कक्षा – १०वी

कभी गम, तो कभी खुशी हैं जिन्दगी
कभी धुप, तो कभी छाँव है जिन्दगी
विधाता ने जो दिया, वो अद्भुत उपहार है जिन्दगी
जिससे हर रोज नये - नये सबक मिलते हैं
यथार्थों का अनुभव कराने वाली ऐसी कडी है जिन्दगी
जिसे कोई न समझ सके ऐसी पहेली है जिन्दगी
कभी तन्हाइयों में हमारी सहेली है जिन्दगी
अपने- अपने कर्मों के आधार पर मिलती है ये जिन्दगी
कभी सपनों की भीड, तो कभी अकेली है जिन्दगी
जो समय के साथ बदलती रहै, वो संस्कृति है जिन्दगी
खट्टी-मीठी यादों की स्मृति है जिन्दगी
कोई ना जान कर भी जान जान लेता है सब कुछ,ऐसी है जिन्दगी
तो किसी के लिए उलझो पहली है जिन्दगी
जो हर पल पल चलती रहे, एसी है हो जिन्दगी
तो किसी के लिए गम् में भी मुस्कुराने का होसला है जिन्दगी
कभी उगता सूरज, तो कभी अंधेरी निशा है जिन्दगी
ईश्वर का दिया माँ से मिला अनमोंल उपहार है जिन्दगी
तो तुम युँ हीँ न बिताओ अपनी जिन्दगी
दूसरीं से हटकर तुम बनाओ अपनी जिन्दगी
दुनिया की शोर में न खो जाए ये तेरी जिन्दगी
जिन्दगी भी तुम्हें देखकर मुस्कुराए, तुम ऐसी बनाओ ये जिन्दगी

***

## कोशिश कर

नाम– शन्तोषी पण्डा
कक्षा – ९वी

कोशिश कर, हल निकलेगा
आज नहीं तो, कल निकलेगा
अर्जुन सा लक्ष्य रख, निशान लगा,
मरूस्थल से भी फिर, जल निकलेगा
मेहनत कर, पौधों को पानी दे,
बंजर में भी फिर, फल निकलेगा
सीने में उम्मीदों को, जिन्दा रख,
समुन्दर से भी , गंगाजल निकलेगा
कोशिशें जारी रख, कुछ कर गुजरने की,
जो कुछ थमा-थमा है, चल निकलेगा
ताकत जुटा, हिम्मत को आग दे
फैलाद का भी, बल निकलेगा
कोशिश कर, हल निकलेगा,
आज नहीं तो, कल निकलेगा

***

## ऊँट चला

नाम– लक्ष्मीप्रिया पट्टनायक
कक्षा – छठी

ऊँट चला, भाई ऊँट चला
हिलता डूलता ऊँट चला।
इतना ऊँचा ऊँट चला
ऊँट चला, भाई ऊँट चला
ऊँची गर्दन, ऊँची पीठ
पीठ उठाए ऊँट चला
बालू है, ती होने दो
बी ऊँट ली ढी दी
नहीं फँसेगा बालु में
बालू में भी ऊँट चला
जब थक्कर बैठेगा ऊँट
किस करवट बैठेगा ऊँट ?
बता सकेगा कौन भला
ऊँट चला, भाई ऊँट चला।

***

## प्यारा भारत देश

नाम– विष्णुप्रिया महारणा
कक्षा – ९वीं

ये मेरा प्यारा भारत देश
देता शांति का संदेश

नाम बडा संबिधान बडा
बडी पवित्र है बसुंधरा

ये मेरा प्यारा भारत देश
देता शांति का संदेश

देश तो देखे बहुत से
नहीं देखा इसके जैसा देश
कई भाषाओं , कई प्रांतो
और कई नदियों का ये देश

ये मेरा प्यारा भारत देश
देता शांति का संदेश

***

## माँ

नाम– शुभलक्ष्मी पट्टनायक
(पुरातन छात्र)

गिरती हूँ तो , हाथ देकर संभाल लेती है
रोती हूँ तो, अपने आँचल से आंसू पोछ देती है
मुझे बनाने में सबसे ज्यादा अंश है जिसका
वो है मेरी 'माँ '.........................

माँ केवल एक शब्द नहीं है
पूरे जीवन का सार छुपा है
जब - जब चोट लगी बच्चे को
तब - तब माँ का हृदय दुखा है।

माँ से है जीवन की आशा
माँ से ही है जग को परिभाषा
माँ ही मन की गति की जाने
माँ ही समझे नैनों की भाषा।

कितनी फिक्र सताती माँ को
नींद नहीं आती माँ को
रहती है परेशान फिर भी मुस्कुराती है
बस एक मुस्कान मेरे हौसला बढा देती है।

'माँ ' मेरी बहुत प्यारी है,
कोमल है पर बहुत कडी है
कोई दु:ख, तकलीफ ना छुए तुझको
बस येही दुआ मांगी है।

पल - पल तुझे निहार के जी लूं
हर सुख तुझ पर वार कर जी लूं
ओझल मत होना नैनों से
तेरे हर विपदा को पीलूं

दुनिया में सबसे अनमोल है ''माँ ''।

***

## चुटकुले

नाम– प्रितम महापात्र
कक्षा – ८वीं

टिचर :- न्यूटन का नियम बताओ।
लडका :- सर् पूरी लाइन तो याद नहीं लास्ट का याद् है।
टीचर :- चलो लास्ट का ही सुनाओ।
लडका :- और इसे ही न्यूटन का नियम कहते हैं।

***

## शेर और तीन बैल

नाम– सोहन कुमार साहु
कक्षा – ७वी

एक बार की बात है। तीन बैल आपस में बहुत अच्छे दोस्त थे। वे साथ मिलकर घास चरने जाते और बिना किसी राग-देष के हर चीज आपस में बाँटते थे। एक शेर काफी दिनों से उन तिनों के पीछे पडा था, लेकिन वह जानता था कि जब तक तीनों एकजुट है, तब तक वह उनका कुछ नहीं बिगाड सकता।

शेर ने उन तीनों को एक - दूसरे से अलग करने की चल चली।

उसने बैलों के बारे में अफवाहें उडानी शुरू कर दी। अफवाहें सुन - सुन कर उन तीनों के बिच गलत फहमी पैदा हो गई।

धीरे - धीरे वे एक - दूसरे से जलने लगे। आखिर कार एक दिन उनमें झगडा हो गया। और वे अलग हो गये। शेर इसका फायदा उठा कर तिनों को मार कर खा गया।

**नितीशीक्षा -**

एकता में ही शक्ति है।

***

## परिचय से मिलता है साहस

नाम– निखिल प्रधान
कक्षा – १०वीं

एक जंगल में एक लोमडी रहती थी। एक दिन, उसने अपने जीवन में पहली बार किसी शेर को देखा। लंबा यांचल, भयानक शरीर, डरावनी दहाड और राजा की तरह चाल - ढाल देखकर लोमडी डर गई। वहीं पर बेहोश होकर गिर पडी।अगले दिन, फिर वही शेर उसे दिखाई दिया। वह अब भी डरी हुई थी, लेकिन ऊसने साहस जुटाया और अपने डर को छिपाने की कोशिश की। जल्द से जल्द वह वहाँ से भाग गई। तीसरे दिन, स्थिति पूरी तरह से बदल गई। लोमडी सीधे शेर के पास पहूँच गई और बोली, ‘‘जय हो महाराज, सब ठीक - ठाक है न ?‘‘ वह शेर से बिलकुल परिचितों की तरह बात करने लगी। अब उसे शेर से डर नहीं लग रहा था। पिछले दो दिनों से लगातार शेर को देख - देखकर, वह उससे परिचित हो गई थी।

इसीलिए कहा गया है कि परिचय होने पर साहस मिलता है।

***

## आजादी का अमृत महोत्सव

नाम– सत्यब्रत प्रधान
कक्षा – ८वी

आज हर भारतीय के मन मैं उत्साह है क्योंकि ‘‘आजादी का अमृत महोत्सव“ मना रहे हैं। इस आजादी के लिए हमने बहुत बडी कीमत चुकाई है। मनुष्य एक सामाजिक प्राणी है। उसे समाज में स्वतंत्रता पूर्वक जीन का अधिकार है। संसार मैं सभी प्राणी स्वतंत्र रहना चाहते हैं। यहां तक कि पिंजरे में बंद पक्षी भी स्वतंत्रता के लिए निरंतर अपने पंख फडफडाता रहता है। उसे सोंने का पिंजरा, सोने की कटोरी में रखा स्वादिष्ट भोजन भी अच्छा नहीं लगता। वह भी स्वतंत्रता के लिए संघर्ष करता हुआ प्राणों की बाजी लगा देता है। २५अगस्त २१४७ से पहले २००वषों तक अंग्रेंज सरकार हम भारतीयों के पर शासन कर रही थी। इससे पूर्व २३०वषों तक मुगलों ने हम पर राज किया। लेकिन धीरे - धीरे भारत के लोगों के अन्दर स्वतंत्रता पाने के लिए कई विरोंने चेतना दी। भारतीय लोंगो ने अपने स्वतंत्रता के लिये अंग्रेजों के खीलाफसे खडे रहे। इस स्वतंत्रता पाने के कई वीरों ने अपने जीवन दे दीया। महान स्वाधीनता संग्रामी सुभाष चंद्र बोस की एक उत्कि थी - ‘तुम मुझे खुन दो, में तुम्हें आजादी दूंगा‘। पराधीन व्यक्ति कभी भी सुख को अनुभव नहीं कर सकता है। सुख पराधीन और परावलंबी लोंगों के लिए नहीं बना है। पराधीन एक प्रकार का अभिशाप है। पराधिनता के लिए कुछ लोग भगवान को दोष देते हैं लेकिन ऐसा नहीं है वे स्वंय तौ अक्षम होते हैं और भगवान को दोष देते रहते हैं। भगवान कैवल उन्हीं का साथ देता है जो अपनी मदद खुद कर सकते हैं। महान स्यतंत्रता मनानी बाल गंगाधर तिंलक जी ने कहा था - ‘‘स्वतंत्रता हमारा जन्मसिंद्ध अधिकार है।‘‘ सभी लोग स्वंतत्रता पाने के लिए आत्मनिर्भर बनना पडेगा। हम को एक या दो साल ‘‘आजादी का अमृत महोत्सब‘‘ पालना नहीं चाहीए। हमको यह महोत्सव प्रतीवर्ष पालना चाहिए। ये आजादी का अमृत महोत्सव हमारे लिए एक संस्कृति क व्योहार जैसा है। इस महोत्सव को बडी धूम धाम से मनाना सब के लिए जरुरी है। जय हिन्द, भारत माता की जय।

***

## हौंसले कि उडान

नाम– प्रियंका बेहेरा

कक्षा – १०वी

''जीन्दगी'' इतना आसान नहीं होता। इसको जिने के लिए 'होसला' यानी मन का विस्वास होना जरूरी है। मन का विश्वास हो तो हम हर एक चीज को हासिल कर सकते हैं। जिन्दगी जिना एक संघर्ष है। बिना संघर्ष के कोई इनसान यहाँ महान नहीं बन सकता। और वही जिन्दगी के संघर्ष हम अकेले नहीं कर सकते। हर इनसान को एक साथि कि जरुरत होती है। वो साथि चाहे माता-पिता हो या दोस्त हो या गुरूजन हो या जो कोई भी हो हम अकेले जीवन नहीं जि सकते और जीवन में सबसे बडा साथी होता है। 'भगवान' वह सुख हो या दु:ख हो हमारे साथ रहता है।

रिस्ता बनाना आसान होता है। पर निभाना मूस्किल होता है, पर जो रिस्तो को सही ढंग से निभाता है तो वी लोगों के लिए विसा बनकर रह जाता है। किसीसे रिस्ता प्यारा, किसीसे स्नेह भरा, किसीसे फिकर करने बाला, किसीसे मस्तीभरा, किसीसे टकरार भरा। यह जीवन रिस्तों का ज्ञान है, हम जीवन में हजारों रिस्ते बनाते हैं, पर कोई जीवन में आखीर तक, साथ नहीं देता।

''जिन्दगी में हजरों रिस्तें बनाओ<br>
पर एक रिस्ता ऐसा बनाओ<br>
जब हजारों लोग तुम्हारे खीलाफ हो<br>
तो एक तुम्हारे साथ खडा हो''

पर वो एक रिस्ता भगवान ने क्या और किसके साथ बनाया है। हम नहीं जानते बस मुस्कुराते हुए जीवन जिने से आसान हो जाते हैं। यही मेरी और जिन्दगी के विच में रिस्ता है और यही प्यारा रिस्ता मैं कभी टूटने नहीं दुंगी।

***

## चुटकुले

नाम– ओम प्रकाश मिश्र

कक्षा – ८वीं

**एक बुजुर्ग व्यक्ति :-** बेटा कैसे हो...??<br>
**बच्चा :-** ठीक हूं.....!!!<br>
**बुजुर्ग :-** पढाई कैसी चल रही है?<br>
**बच्चा :-** बिलकुल आपकी जिन्दगी कीं तरह.....<br>
**बुजुर्ग :-** मतलब.......?<br>
**बच्चा :-** भगवान भरोसे......!!!

***

## शब्बदथ सियार की कहानी

नाम– पुष्पाजंली वेहेरा

कक्षा – ८वीं

एक बार युवा वोधिसत्व की पूरे जगत को वश में करने का मंत्र मिल गया। एक दिन जब वे इस मंत्र का जप कर रहते थे, तभी शब्बदथ नाम के एक सियार ने भी वह मंत्र सुन लिया। मंत्र की सहायता से सियार ने जंगल के सारे पशु - पक्षियों को वश में कर लिया और वहाँ का राजा बन गया। एक दिन वह शहर में घुसा। उसके साथ दहाड मारते शेर थे। वह शेर पर बैठा था। और वह शेर हाथियों पर खडा था।

बोधिसत्व ने सबसे अपने - अपने कान बंद कर लेने को कहा ताकि शेर की दहाड उन तक न पहुँच पाए। सारे शेर दहाडों से पृथ्वी तक को हीलाने लगे डर के मारे हाथियों ने शेर को अपनी पींठ से गिरा दिया। शब्बदथ सियार भी नीचे गिरा दिया और हाथियों के पैरों के नीचे दब गया।

**शिक्षा :-**

जो अपने ज्ञान का अनुचित उद्देश्यों में इस्तेमाल करते है, वे स्वयं को ही हानी पहुँचाते हैं।

***

## चुटकुले

नाम– ओम प्रकाश मिश्र

कक्षा – ८वीं

१. **एक छोटा बच्चा दुकानदार से पुछा :-**

अंकल गोरा होने की क्रीम है क्या.....?

**दुकानदार :-** हाँ है......!

**बच्चा :-** तो लगाते क्यों नहीं...... रोज डर जाता हूँ.....।

२. **भिखारी** - भगवान के नाम से कुछ खाने को मिलेगा?

**मुत्री** - मम्मी इसे कुछ भी खाने के लिए मत देना, ये भगवान के लिए मांगते हैं और खुद खा जाते हैं।

***

# तोता को मिली गुरूकृपा

नाम– समीक्षा महापात्र
(पूर्वछात्र)

नैमिषारण्य की एक कहानी जो आज भी सुनने को मिलती है । इस कहानी को मुख्य किरदार एक तोता है।

नैषिारण्य में एक ऋषि मुनि तपस्या करते थे। हर रोज यहाँ हरि कथा और सत्संग होता था। सालो-साल सत्संग सुनने के बाद वो तोता पण्डित के जैसे व्यवहार करने लगा। तोता का ऐसे रूप देख के आश्रम के मुख्य ऋषि बहुत खुस हुए और उसको प्रकट के एक लकडी के पिंजरे में रख दिए। बहुत स्वादिस्ट फल और खाना देने लगे। तोता आश्रम के पिंजरे में रहकर वेद पाठ करता था। बहुत दिन वहाँ रहने के बाद वह अपने परिवार को याद कर के कैद होने के बजह से दु:ख रहने लगा, सोचा की "एक दिन मुझे लकडी का पिंजरा काटना पडेगा।" कुछ दिन बाद, आश्रम को ऋषि के प्रिय शिष्य आये, जो कि धनवान जमिदार थे। तोता का यह अदभुत ज्ञान देख के वह ऋषि को अनुरोध कर बोले कि वह उस तोते को अपने साथ ले जाना चाहते है। उनको ऋषि मना नहीं कर सके और अपने तोता को पिंजरे से निकाल के जमिदार को दे दिए।फिर जमिदार् अपने पत्नी को उपहार के स्वरुप वह तोता दिए और उनकी पत्नी बहुत खुस हो कर तोते की चाँदि के पिंजरे में रखी और ऋषि से भी ज्यादा अछे से देखभाल करी और स्वादिष्ट खाना भी खिलाई। वहाँ भी तोता वेद - गीता का पाठ करता करता रहा। फिर भी पिंजरे में कैद होने कें बजह से वह दु:खी था।

कुछ दिन बाद, देश के राजा को जमीदार के घर आये और ऐसा विचित्र तोता देखकर उसे अपने राज दरबार को ले जाने के लिए जमीदार को अनुरोध करे, वह भला केसे, राजा की बात को टाल सकते, इसी लिए राजा को तोता दे दिए। राजा वह तोता को ले कर रानी के पास जा पहूँचे और रानी ऐसे वेद पाठ करने वाला तोता को देख के बहुत आनंद से उसे सोने के पिंजरे में रखी। राजकिय भोजन के साथ अच्छे से देखभाल करे, रानी के साथ रोज तोता शास्त्र पाठ करता था। रोज शाम वहाँ सस्तंग होता था। एक साधु इस सस्तंग के मुख्य प्रवक्ता के तरीके से आ कर के रोज हरि - कथा सुनाते थे। तोता रोज वहाँ सुनता रहता था। सस्तंग के अंत में साधु एक वाणी बोलते थे -

"हरि गुण गाओ, मुक्त हो जाओ।"

